# ସର୍ବହରା କ୍ରାନ୍ତି

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) • ଓଡ଼ିଆ ମୁଖପତ୍ର - ପାକ୍ଷିକ • ପୂର୍ବତନ ମୁଖ୍ୟ ସମ୍ପାଦକ-କମ୍ରେଡ୍ ତାପସ ଦତ୍ତ• ମୂଲ୍ୟ-୫ଟଙ୍କା

VOL NO. - 12, ISSUE NO. - 16, OCTOBER - NOVEMBER FORTNIGHTLY (ODIA), BHUBANESWAR. PAGES-08

## କେନ୍ଦ୍ର ଓ ରାଜ୍ୟ ସରକାରର ଚୂଡାନ୍ତ ଜନବିରୋଧି ନୀତି ପ୍ରତିବାଦରେ

# ୨୫ନଭେମ୍ବର ବିଶାଳ ରାଜ୍ୟସ୍ତରୀୟ ଗଣବିକ୍ଷୋଭକୁ

## ସଫଳ କରିବାପାଇଁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ନିବେଦନ

ସ୍ୱାଧୀନତାକୁ ୭୮ବର୍ଷ ପୁରିଲା। ସ୍ୱାଧୀନତା ଅର୍ଜନପରେ ଜାତୀୟ ପୁଞ୍ଜିପତି ମାନଙ୍କର ବିଶ୍ୱସ୍ତ ଦଳ କଂଗ୍ରେସ ନେତୃତ୍ୱରେ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଦୀର୍ଘ ବର୍ଷ ଧରି ଶାସନ କରିଥିଲେ। ପରବର୍ତ୍ତୀ ସମୟରେ ବିଭିନ୍ନ ଅଣ କଂଗ୍ରେସ ଦଳ ଓ ଦଳମାନଙ୍କର ମେଣ୍ଟ କେନ୍ଦ୍ର ଓ ରାଜ୍ୟ ମାନଙ୍କରେ କ୍ଷମତାସୀନ ହୋଇଛି। ଏହାରି ଧାରାବାହିକତାରେ ହିଁ ଆଛେଦିନର ସ୍ୱପ୍ନ ଦେଖାଇ, ଦରଦାମ ହ୍ରାସ କରିବା, ବିଦେଶରୁ କଳାଟଙ୍କା ଫେରାଇ ଆଣି ପ୍ରତ୍ୟେକ ବ୍ୟକ୍ତିଙ୍କ ବ୍ୟାଙ୍କ ଖାତାରେ ୧୫ଲକ୍ଷ ଲେଖାଏଁ ଟଙ୍କା ଜମା କରିବା, ବର୍ଷକୁ ଦୁଇକୋଟି ଲୋକଙ୍କୁ ଚାକିରି ଦେବା ଭଳି ବହୁ ମନଲୋଭା ପ୍ରତିଶୃତି ଦେଇ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି ଦଳ ୨୦୧୪ ମସିହାରେ କେନ୍ଦ୍ରରେ ସରକାର ଗଠନ କରିଥିଲା। କେନ୍ଦ୍ରରେ ଲଗାତର ୧୦ବର୍ଷ କ୍ଷମତାରେ ରହିବାପରେ ୨୦୨୪ ମସିହା ନିର୍ବାଚନରେ ବିଜେପି ସଂଖ୍ୟାଗରିଷ୍ଠତା ହାସଲ କରିବାରେ ବିଫଳ ହୋଇଛି ଏବଂ ମେଣ୍ଟ ସରକାର ଗଠନ କରିବାକୁ ବାଧ ହୋଇଛି। ତେବେ ୨୦୧୪ ମସିହାରେ ବିଜେପି ପ୍ରଥମଥର ପାଇଁ କେନ୍ଦ୍ରରେ କ୍ଷମତାସୀନ ହୋଇନାହିଁ। ୧୯୯୬ ମସିହାରୁ ୨୦୦୪ ମସିହା ପର୍ଯ୍ୟନ୍ତ ବିଜେପି ନେତୃତ୍ୱରେ, ବାଜପେୟୀଙ୍କ ପ୍ରଧାନମନ୍ତ୍ରିତ୍ୱରେ କେନ୍ଦ୍ରରେ ତିନିଥର ଏନ୍‌ଡିଏ ମେଣ୍ଟ ସରକାର ଗଠିତ ହୋଇଛି। ସେହିଭଳି କଂଗ୍ରେସ କୁଶାସନରୁ ରାଜ୍ୟବାସୀଙ୍କୁ ମୁକ୍ତ କରିବାର ପ୍ରତିଶୃତି ଦେଇ ୨୦୦୦ ମସିହାରେ ବିଜେଡି-ବିଜେପି ମେଣ୍ଟ ରାଜ୍ୟରେ କ୍ଷମତାସୀନ ହୋଇଥିଲା। ୨୦୦୦ରୁ ୨୦୦୯ ମସିହା ପର୍ଯ୍ୟନ୍ତ ମେଣ୍ଟ ସରକାର ରାଜ୍ୟରେ ଶାସନ କରିଥିଲା। ଏହି ମେଣ୍ଟ ସରକାରରେ ବିଜେପି ଦଳର ମନ୍ତ୍ରୀମାନେ ରାଜସ୍ୱ, ସହରାଂଚଳ ବିକାଶ, ଉଚ୍ଚଶିକ୍ଷା, ଖାଦ୍ୟ ଓ ଯୋଗାଣ, ଶିଳ୍ପ, ପରିବହନ, ହସ୍ତତନ୍ତ, ଶ୍ରମ ଓ ବାଣିଜ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ତୁଲାଇଥିଲେ। ୨୦୨୪ ନିର୍ବାଚନରେ ୧୫ବର୍ଷ ଧରି ଏକକ ଭାବରେ ରାଜ୍ୟରେ ଶାସନ କରିଥିବା ବିଜେଡି ଦଳକୁ ପରାଜିତ କରି ବିଜେପି କ୍ଷମତାକୁ ଆସିଛି।

ସ୍ୱାଧୀନତା ଅର୍ଜନ ପରେ ପଣ୍ଡିତ ନେହେରୁଙ୍କର ସମାଜବାଦୀ ଢାଂଚାର ସମାଜ, ମିଶ୍ର ଅର୍ଥନୀତିରୁ ଆରମ୍ଭକରି ଇନ୍ଦିରା ଗାନ୍ଧୀଙ୍କର ଗରିବି ହଟାଓ, ମନମୋହନ ସିଂହଙ୍କର ଖୋଲାବଜାର ଅର୍ଥନୀତି ଏବଂ ସଂପ୍ରତି ନରେନ୍ଦ୍ର ମୋଦିଙ୍କର ଆଛେଦିନ, ଅମୃତକାଳ ଓ ବିକଶିତ ଭାରତ ଇତ୍ୟାଦି ସବୁକିଛି ଦେଶର ସାଧାରଣ ଲୋକଙ୍କର ଉନ୍ନତି ନାଁରେ କରାଯାଇଛି। ସାଧାରଣ ଲୋକଙ୍କ ଅବସ୍ଥାରେ ଉନ୍ନତି ଆଣିବାର ସ୍ୱପ୍ନ ଦେଖାଇ ଦେଶରେ ସରକାର ପରେ ସରକାର ବଦଳିଛି, ନାନା ରଙ୍ଗର ଝଣ୍ଡା ଧରି ନୂଆ ନୂଆ ଦଳ ହରେକ ରକମର ସ୍ଲୋଗାନ ଦେଇ କ୍ଷମତାକୁ ଆସିଛନ୍ତି। ଏହି କ୍ରମରେ ହିଁ ଆଜି କେନ୍ଦ୍ର ଓ ରାଜ୍ୟରେ ବିଜେପିର ସରକାର। ଦେଶର ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ଏହି ସରକାରମାନଙ୍କ ପ୍ରଚାରରେ ଛାଇ ଯାଇଛି। ବୈଦ୍ୟୁତିକ ଗଣମାଧ୍ୟମର କାନଫଟା ବିକଟ ଚିତ୍କାର ଏବଂ ବିଭ୍ରାନ୍ତିକର ପ୍ରଚାର ଆଢୁଆଳରେ ଦେଶର ସାଧାରଣ ମଣିଷର ଦୁଃଖ, ଦୈନ୍ୟ, ବେଦନା, ବଂଚିବା ପାଇଁ ଦୈନନ୍ଦିନ ମରଣପଣ ଲଢେଇର ସ୍ୱରକୁ କ୍ଷୀଣରୁ କ୍ଷୀଣତର କରିବାପାଇଁ ଗଭୀର ଷଡଯନ୍ତ୍ର ଚାଲିଛି।

ଏହି ପରିସ୍ଥିତିରେ ସ୍ୱଭାବିକ ଭାବରେ ମନକୁ ଯେଉଁ ପ୍ରଶ୍ନ ଆନ୍ଦୋଳିତ କରୁଛି ତା' ହେଉଛି ଦୀର୍ଘ ୭୮ବର୍ଷ ମଧ୍ୟରେ ଦେଶରେ କ୍ଷମତାସୀନ ହୋଇଥିବା ସରକାର ମାନଙ୍କର ସମସ୍ତ ପ୍ରଚାର ଓ ଦାବି ସତ୍ତ୍ୱେ ବାସ୍ତବରେ କ'ଣ ଦେଶର ସାଧାରଣ ମଣିଷର ଦୁଃଖ ଦୂର ହୋଇଛି ? ସାଧାରଣ ମଣିଷ କ'ଣ ମର୍ଯ୍ୟାଦାର ସହିତ ବଂଚିବାର ସୁଯୋଗ ଓ ଅଧିକାର ପାଇଛି ? ଦେଶର ସିଂହଭାଗ ଜନସାଧାରଣଙ୍କର ଖାଦ୍ୟ, ବସ୍ତ୍ର, ବାସଗୃହ, କର୍ମସଂସ୍ଥାନ, ଶିକ୍ଷା, ସ୍ୱାସ୍ଥ୍ୟସେବା ଭଳି ଅତ୍ୟନ୍ତ ମୌଳିକ ଆବଶ୍ୟକତା କ'ଣ ପୂରଣ ହୋଇଛି ? ମହିଳାମାନେ କ'ଣ ଆମ ସମାଜରେ ଭୟଶୂନ୍ୟ ଭାବରେ ଜୀବନ ଯାପନ କରିପାରନ୍ତି ? ଆମ ସମାଜ କ'ଣ ମହିଳାମାନଙ୍କୁ ସୁରକ୍ଷା ଦେଇପାରିଛି ?

### ମହିଳାମାନଙ୍କର ଦୟନୀୟ ସ୍ଥିତି

ଆମ ରାଜ୍ୟର ସାଧାରଣ ଲୋକଙ୍କ ଅର୍ଥନୈତିକ, ସାମାଜିକ ପରିସ୍ଥିତି ଓ ରାଜ୍ୟର ସାଂସ୍କୃତିକ ପରିମଣ୍ଡଳ ଉପରେ ଦୃଷ୍ଟିପାତକଲେ ଯେଉଁ ବିଷୟଟି ଯେକୌଣସି ସମ୍ବେଦନଶୀଳ ମଣିଷକୁ ସବୁଠାରୁ ଗଭୀର ଭାବରେ ଉଦ୍‌ବିଗ୍ନ କରିବ ତାହା ହେଉଛି ଆମ ସମାଜରେ ମହିଳାମାନଙ୍କ ଉପରେ ବଢି ଚାଲିଥିବା ଯୌନ ନିର୍ଯ୍ୟାତନା। ଗତ ରାଜ୍ୟ ବିଧାନସଭା ଅଧିବେଶନରେ ଏ ସଂପର୍କିତ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୨୦୨୪ ଜୁନ ୧ତାରିଖରୁ ୨୦୨୫ ଜୁଲାଇ ୩୧ ତାରିଖ ମଧ୍ୟରେ ଅର୍ଥାତ୍ ରାଜ୍ୟରେ ବିଜେପି ସରକାର କ୍ଷମତାସୀନ ହେବାର ମାତ୍ର ୧୪ମାସ ମଧ୍ୟରେ ନାରୀ ନିର୍ଯ୍ୟାତନା ସଂପର୍କିତ ୩୭,୬୧୧ଟି ଘଟଣା ଘଟିଛି। ଏହା ମଧ୍ୟରେ ଧର୍ଷଣ, ଗଣଧର୍ଷଣ ଓ ହତ୍ୟା, ନାନା ଧରଣର ଯୌନ ଉତ୍ପୀଡନ ଓ ସର୍ବସାଧାରଣରେ ମହିଳା ମାନଙ୍କୁ ବିବସ୍ତ୍ର କରିବା ଘଟଣା ସାମିଲ ଅଛି। ଉଲ୍ଲେଖଯୋଗ୍ୟ, ଏସବୁ ହେଉଛି ପୁଲିସରେ ଏତଲା ଦାୟାର କରାଯାଇଥିବା ଘଟଣା। ଏହାବ୍ୟତୀତ ପ୍ରତିଦିନ, ପ୍ରତିମୁହୂର୍ତ୍ତରେ ଘଟୁଥିବା ଏହି ଧରଣର ଘଟଣାରେ ଲୋକଲଜ୍ଜା, ଅଦାଲତରେ ପୀଡିତା ସମ୍ମୁଖୀନ ହେଉଥିବା ଅସମ୍ମାନଜନକ ପରିସ୍ଥିତି ଓ ଅନ୍ୟାନ୍ୟ କାରଣରୁ ଏତଲା ଦାୟାର କରିବାକୁ ସାଧାରଣତଃ ପୀଡିତା ଓ ତାଙ୍କର ପରିବାର ବର୍ଗ କୁଣ୍ଠା ପ୍ରକାଶ କରନ୍ତି। କେବଳ ଏତିକି ନୁହେଁ ୨୦୨୩ ମସିହା ପାଇଁ ଜାରୀ କରାଯାଇଥିବା ଏନ୍‌ସିଆରବି (Nationanl Crime Record Bureau) ରିପୋର୍ଟ ଅନୁଯାୟୀ ପ୍ରତି ଏକ ଲକ୍ଷ ମହିଳା ଜନସଂଖ୍ୟାରେ ସେମାନଙ୍କ ପ୍ରତି ହେଉଥିବା ଅପରାଧ ହାର ଓଡିଶାରେ ଶତକଡା ୯୦.୨, ଯାହାକି ଦେଶରେ ସର୍ବାଧିକ। ଏହି ରିପୋର୍ଟ ଅନୁଯାୟୀ ୨୦୨୦ ରୁ ୨୦୨୪, ଏହି ଚାରିବର୍ଷ ମଧ୍ୟରେ ମହିଳା ବିରୋଧି ଅପରାଧ ହାର ରାଜ୍ୟରେ ଶତକଡା ୩୪୩ ଭାଗ ବୃଦ୍ଧି ପାଇଛି। ଏହା ନିଶ୍ଚିତ ଭାବରେ ଅତ୍ୟନ୍ତ ଭୀତପ୍ରଦ। ଏହାର

ଅବଶିଷ୍ଟାଂଶ ୨ୟ ପୃଷ୍ଠାରେ



## ବିଜେପି ନେତୃତ୍ୱରେ ...

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ବିପରୀତରେ ମହିଳାମାନଙ୍କ ଉପରେ ହେଉଥିବା ଯୌନ ନିର୍ଯ୍ୟାତନା ଘଟଣାରେ ପୁଲିସ ଦ୍ୱାରା ଅଦାଲତରେ ଚାର୍ଜସିଟ୍ ଦାଖଲ ଓ ଏହି ଧରଣର ଅପରାଧରେ ସଂପୃକ୍ତ ଅପରାଧୀମାନଙ୍କୁ ଦଣ୍ଡିତ କରିବାରେ ଓଡିଶା ସମଗ୍ର ଦେଶର ସବୁଠାରୁ ପଛରେ । ଏହିଭଳି ଘଟଣାରେ ଶତକଡା ମାତ୍ର ୧୦ଭାଗରୁ କମ୍ ଅପରାଧୀ ଦଣ୍ଡିତ ହେଉଛନ୍ତି । ଏଥିରୁ ସ୍ପଷ୍ଟ ହେଉଛି ଯେ ସରକାରୀ ଉଦାସୀନତା ଯୋଗୁ ଧର୍ଷଣକାରୀ ଓ ନାରୀ ନିର୍ଯ୍ୟାତନାକାରୀ ମାନେ ଦଣ୍ଡିତ ହେଉନାହାନ୍ତି । ଏଥିରୁ ରାଜ୍ୟରେ ମହିଳାମାନଙ୍କ ଉପରେ ବଢିଚାଲିଥିବା ଯୌନ ନିର୍ଯ୍ୟାତନା ଏବଂ ସାମଗ୍ରିକ ଭାବରେ ମହିଳାମାନଙ୍କର ଦୁଃସ୍ଥିତି ସଂପର୍କରେ ଧାରଣା କରାଯାଇପାରିବ ।

ଏହି ପ୍ରସଙ୍ଗରେ ନିକଟ ଅତୀତରେ ଘଟିଯାଇଥିବା କେତୋଟି ହୃଦୟ ବିଦାରକ ଘଟଣା ସଂପର୍କରେ ଏଠାରେ ସଂକ୍ଷେପରେ ଉଲ୍ଲେଖ କରିବାକୁ ଆମେ ଆବଶ୍ୟକ ମନେକରୁଛୁ । ଯୌନ ନିର୍ଯ୍ୟାତନାର ଶୀକାର ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ତଥା ଛାତ୍ରସଂଗଠନ ଏବିଭିପିର ଜନୈକା ଆଗୁଆ ସଂଗଠିକା ସୌମ୍ୟାଶ୍ରୀ ସ୍ଥାନୀୟ ବିଜେପି ଏମ୍‌ପି, ଏମ୍‌ଏଲ୍‌ଏ, ରାଜ୍ୟ ଶିକ୍ଷାମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ସମେତ ଜିଲ୍ଲାପାଳ, ଏସ୍‌ପି ସମସ୍ତଙ୍କ ପାଖରେ ନ୍ୟାୟ ପାଇଁ ଗୁହାରି କରିଥିଲେ ମଧ୍ୟ ନ୍ୟାୟ ପାଇଲା ନାହିଁ । ନିଜ ଦଳର ନେତା, ମନ୍ତ୍ରୀ ଓ ଏହି ଦଳଦ୍ୱାରା ପରିଚାଳିତ ପ୍ରଶାସନ ନିକଟରୁ ନ୍ୟାୟ ନପାଇ ଅସହାୟ ଅବସ୍ଥାରେ ଅତ୍ୟନ୍ତ ବେଦନା ଦାୟକ ପରିସ୍ଥିତିରେ ସୌମ୍ୟାଶ୍ରୀ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିବାକୁ ବାଧ ହେଲା । ଯୌନ ଉତ୍ପୀଡନକାରୀକୁ ସୁରକ୍ଷା ଦେବାପାଇଁ ବିଜେପି ନେତାମାନେ ଯେ ସୌମ୍ୟାଶ୍ରୀଙ୍କୁ ଆତ୍ମହତ୍ୟା କରିବାକୁ କାର୍ଯ୍ୟତଃ ବାଧ କଲେ ତାହା ବର୍ତ୍ତମାନ ସ୍ପଷ୍ଟ । ଅନୁଗୁଳ ଜିଲ୍ଲାର ସୁଭଦ୍ରା ପଦିଲିର ନାରକୀୟ ଗଣଧର୍ଷଣ ଓ ହତ୍ୟା ଘଟଣାରେ ସଂପୃକ୍ତ ଅପରାଧୀ ମାନଙ୍କୁ ସୁରକ୍ଷା ଦେବାପାଇଁ ରାଜନୈତିକ ଚାପରେ ପୁଲିସ ପ୍ରଶାସନ ସମସ୍ତ ପ୍ରକାର ଉଦ୍ୟମ କରିଥିଲେ ମଧ୍ୟ ଶେଷରେ ଗଣଆନ୍ଦୋଳନର ଚାପରେ ଅପରାଧୀମାନଙ୍କୁ ପୁଲିସ ଗିରଫ କରିବାକୁ ବାଧ ହୋଇଛି । ସୁଭଦ୍ରା ପଦିଲି ଘଟଣା ପରେ ପରେ ଅନୁଗୁଳ ଜିଲ୍ଲାର ଜର୍ସ୍ମିନ ସେଠ ନାମକ ୧୦ବର୍ଷ ବୟସ୍କା ନାବାଳିକାକୁ ଅପହରଣ ଓ ଧର୍ଷଣ କରିବା ପରେ ହତ୍ୟା କରାଯାଇଛି । ଏହି ଘଟଣାରେ ସଂପୃକ୍ତ ଅପରାଧୀ ମାନଙ୍କୁ ଗିରଫ କରିବା କ୍ଷେତ୍ରରେ ଜିଲ୍ଲା ପ୍ରଶାସନ ଓ ପୁଲିସର ଚୂଡାନ୍ତ ଉଦାସୀନତା ଓ କାଳକ୍ଷେପଣ ପ୍ରତିବାଦରେ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦିଆଯାଇଥିବା ଆନ୍ଦୋଳନ ଡାକରାକୁ ଭଣ୍ଡୁର କରିବା ପାଇଁ ପୁଲିସ ଓ ଜିଲ୍ଲା ପ୍ରଶାସନ ଯେଉଁଭଳି ନିମ୍ନସ୍ତରକୁ ଓହ୍ଲାଇଗଲା ତାହା ଯେକୌଣସି ଲୋକଙ୍କୁ ଆଚମ୍ଭିତ କରିବ । ଆନ୍ଦୋଳନକୁ ଭଣ୍ଡୁର କରିବାପାଇଁ ଆନ୍ଦୋଳନର ଦୁଇଦିନ ପୂର୍ବରୁ ପୁଲିସ ବିକ୍ଷୋଭ ପାଇଁ ଦେଇଥିବା ଅନୁମତିକୁ ବିଶ୍ୱକର୍ମା ପୂଜା ଆଳରେ ପ୍ରତ୍ୟାହାର କଲା, ବ୍ୟକ୍ତିଗତ ଭାବରେ ଆନ୍ଦୋଳନର ନେତ୍ରୀମାନଙ୍କୁ ଯୋଗାଯୋଗ କରି ଆନ୍ଦୋଳନରୁ ବିରତ ରହିବାପାଇଁ ଚାପ ଦେଲା, ଆନ୍ଦୋଳନ ଡାକରା ଦେଇଥିବା ସଂଗଠନ କାର୍ଯ୍ୟାଳୟରେ ଏ ସଂପର୍କିତ ନୋଟିସ ମଧ୍ୟ ପୁଲିସ ପକ୍ଷରୁ ମରାଗଲା । କେବଳ ଏତିକି ନୁହେଁ, ୧୨ କିଲୋମିଟର ଦୂର ଗାଁରୁ ବିକ୍ଷୋଭପାଇଁ ଅନୁଗୁଳ ଆସିବାକୁ ମହିଳାମାନେ ଠିକ୍ କରିଥିବା ବସ୍ ପ୍ରଶାସନ ଚାପରେ ଅନ୍ଦୋଳନକାରୀମାନଙ୍କୁ ଦିଆଗଲା ନାହିଁ । ଆନ୍ଦୋଳନକାରୀ ମାନଙ୍କ ପାଇଁ ପିଇବା ପାଣି ଆଣୁଥିବା ଗାଡିକୁ ପୁଲିସ ବଳପୂର୍ବକ ଫେରାଇ ଦେଲା । ଜିଲ୍ଲାପାଳଙ୍କ ଆଦେଶରେ ସଂପୃକ୍ତ ଗାଁ ବାଟ ଦେଇ ଆସୁଥିବା ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ବସ୍ ଗୁଡିକୁ ପ୍ରତ୍ୟାହାର କରିନିଆ ଗଲା । ଏହାସତ୍ତ୍ୱେ ମଧ୍ୟ ପ୍ରଚଣ୍ଡ ଖରା ଓ ଅସହ୍ୟ ଗୁଳୁଗୁଳିକୁ ଖାତିର ନକରି ମହିଳାମାନେ ଦୀର୍ଘ ୧୨ କିଲୋମିଟର ବାଟ ପାଦରେ ଚାଲି ଏସ୍‌ପି ଅଫିସ ଘେରାଉ କଲେ । ଏହିଭଳି ଏକ ନାରକୀୟ କାଣ୍ଡର ପ୍ରତିବାଦରେ ମହିଳାମାନଙ୍କୁ ଶାନ୍ତିପୂର୍ଣ୍ଣ ବିକ୍ଷୋଭ କରାଇ ନ ଦେବା ପାଇଁ ପୁଲିସ ଓ ଜିଲ୍ଲା ପ୍ରଶାସନର ଏହି ଧରଣର ନିନ୍ଦନୀୟ କାର୍ଯ୍ୟକଳାପ ବୋଧହୁଏ ରାଜ୍ୟର ଇତିହାସରେ ପ୍ରଥମ । ଶାସକ ଦଳର ଛତ୍ରଛାୟାରେ ରହିଥିବା ଅପରାଧୀମାନଙ୍କୁ ସୁରକ୍ଷା ଦେବାପାଇଁ ପ୍ରଶାସନ ଏହିଧରଣର ଲଜ୍ଜାଜନକ ଆଚରଣ କରିଛି ବୋଲି ଗଭୀର ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ । ସେହିଭଳି ପୁରୀ ଜିଲ୍ଲାର ବଳଙ୍ଗାଠାରେ ଅନ୍ୟ ଜଣେ ନାବାଳିକାକୁ ଦୁବୃତ୍ତମାନେ ଗାଁ ଦାଣ୍ଡରୁ ଉଠାଇ ନେଇ ଧର୍ଷଣ କରିଥିଲେ ଏବଂ କିରାସିନି ଢାଳି ପୋଡି ଦେଇଥିଲେ । ଅର୍ଦ୍ଧଦଗ୍ଧ ଅବସ୍ଥାରେ ଅତ୍ୟନ୍ତ ସଂକଟଜନକ ସ୍ଥିତିରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ଏବଂ ଚିକିତ୍ସାଧିନ ଥିଲାବେଳେ ତାଙ୍କର ମୃତ୍ୟୁ ଘଟିଲା । ଅପରାଧୀମାନଙ୍କୁ ସୁରକ୍ଷା ଦେବାପାଇଁ ତଦନ୍ତର ପ୍ରହସନ କରାଗଲା ପରେ ନାବାଳିକା ନିଜେ ନିଜ ଦେହରେ ନିଆଁ ଲଗାଇ ମୃତ୍ୟୁବରଣ କରିଛି ବୋଲି ମୁଖ୍ୟମନ୍ତ୍ରୀ ବିଧାନସଭାରେ ଘୋଷଣା କଲେ । ପିଡିତାଙ୍କ ପିତାଙ୍କ ଉପରେ ଚାପ ଦେଇ ତାଙ୍କୁ କହିବାକୁ ବାଧ କରାଗଲା ଯେ ତାଙ୍କ ଝିଅ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଛି । ଘଟଣାଗୁଡିକ ହେଉଛି ସମୁଦ୍ରରେ ବୁଡି ରହିଥିବା ମହୀରୁହର ଅଗ୍ରଭାଗ ମାତ୍ର । ଏହିଭଳି ଘଟଣା ପ୍ରତି ମୁହୂର୍ତ୍ତରେ ହଜାର ହଜାର ସଂଖ୍ୟାରେ ଘଟୁଛି ଏବଂ ରାଜ୍ୟରେ ମହିଳାମାନଙ୍କ ଜୀବନକୁ ଦୁର୍ବିସହ କରୁଛି ।

ପ୍ରଶ୍ନ ଉଠୁଛି ରାଜ୍ୟରେ ମହିଳାମାନଙ୍କ ଉପରେ ଯୌନ ନିର୍ଯ୍ୟାତନା ଘଟଣା ଏହିଭଳି ଭାବରେ ଦ୍ରୁତ ବୃଦ୍ଧି ପାଇବାର କାରଣ କଣ ? କିଏ ରାଜ୍ୟର ଉଦୀୟମାନ ଯୁବକ ମାନଙ୍କୁ ଆମ ଘରର ପିଲାମାନଙ୍କୁ ଧର୍ଷଣକାରୀ, ନାରୀ ନିର୍ଯ୍ୟାତନାକାରୀ ଅପରାଧୀରେ ପରିଣତ କରୁଛି ? ଏହାର ଉତ୍ତର ନିହିତ ରହିଛି ଶାସକ ପୁଞ୍ଜିପତି ଶ୍ରେଣୀର ସେବାଦାସରେ ପରିଣତ ହୋଇଥିବା କେନ୍ଦ୍ର ଓ ରାଜ୍ୟ ସରକାର ମାନେ ଗ୍ରହଣ କରୁଥିବା ନୀତି ଓ ପଦକ୍ଷେପ ମଧ୍ୟରେ । ସରକାରୀ କ୍ଷମତାରେ ଯେଉଁ ଦଳ ରହୁନା କାହିଁକି, ସମସ୍ତ ସରକାର ମଦ, ମାଦକ ଦ୍ରବ୍ୟ, ଡ୍ରଗ୍ସ, ଅଶ୍ଳୀଳତା, ନଗ୍ନତା ଓ ଯୌନ ବ୍ୟଭିଚାରକୁ ଖୋଲାଖୋଲି ଭାବରେ ପ୍ରୋତ୍ସାହିତ କରୁଛନ୍ତି । ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ରାଜ୍ୟରେ କ୍ଷମତାରେ ରହିଥିବା ବିଜେଡି-ବିଜେପି ମେଣ୍ଟ ସରକାର ଏବଂ ଏହାପରେ ୨୦୨୪ ପର୍ଯ୍ୟନ୍ତ କ୍ଷମତାରେ ଥିବା ବିଜେଡି ସରକାର ରାଜ୍ୟରେ ମଦବନ୍ୟା ସୃଷ୍ଟିରେ ପୂର୍ବର କଂଗ୍ରେସ ସରକାରକୁ ବଳି ଯାଇଛି । ଗାଁ ଗହଳିରେ ମଦଦୋକାନ ଖୋଲି ଛାତ୍ର, ଯୁବକ ଏପରିକି କିଶୋର ମାନଙ୍କ ନୈତିକ ମେରୁଦଣ୍ଡକୁ ଧ୍ୱଂସ କରିବା ପାଇଁ ଯୋଜନାବଦ୍ଧ ଭାବରେ ଉଦ୍ୟମ କରିଛନ୍ତି । ରାଜ୍ୟରେ ୨୦୨୪ ନିର୍ବାଚନରେ କ୍ଷମତାକୁ ଆସିଲେ ରାଜ୍ୟରେ ମଦ ନିଷିଦ୍ଧ କରିବ ବୋଲି ବିଜେପି ଦଳ ରାଜ୍ୟବାସୀଙ୍କୁ ପ୍ରତିଶୃତି ଦେଇଥିଲା । ମାତ୍ର କ୍ଷମତାସୀନ ହେଲାପରେ ଏହି ପ୍ରତିଶୃତିରୁ ଓହରି ଯାଇ ବନ୍ଦ ହୋଇଥିବା ୭୦ଟି ବିଦେଶୀ ମଦଦୋକାନ, ୪ଟି ନୂଆ ମଦକାରଖାନା ଏବଂ ନୂଆ ମଦ ଡିପୋ ଖୋଲିବାପାଇଁ ସରକାର ଘୋଷଣା କରିଛି । ଚୋରା ମାଦକ ଦ୍ରବ୍ୟ ଓ ଡ୍ରଗ୍ସ କାରବାର ପୁଲିସ ପ୍ରଶାସନ ଓ ସରକାର ମାନଙ୍କର ପ୍ରୋତ୍ସାହନରେ ଖୋଲାଖୋଲି ଚାଲିଛି । ହଜାର ହଜାର କୋଟି ଟଙ୍କାର ଡ୍ରଗ୍ସ ଧରାପଡୁଛି, ଯାହା ଧରାପଡୁଛି ତାହା ହେଉଛି ସମୁଦାୟ ଡ୍ରଗ୍ସ କାରବାରର ସାମାନ୍ୟ ଅଂଶ । ଡ୍ରଗ୍ସର କରାଳ ଛାୟା ଦ୍ରୁତ ସମଗ୍ର ଦେଶ ଏବଂ ଆମ ରାଜ୍ୟରେ କାୟାବିସ୍ତାର କରୁଛି । ମଦ, ଡ୍ରଗ୍ସ କବଳରେ ପକାଇ ଛାତ୍ର, ଯୁବସମାଜ ଏପରିକି ତୁରଣ ତରୁଣୀ ମାନଙ୍କର ସମସ୍ତ ପ୍ରକାର ନୈତିକତା, ସୂକ୍ଷ୍ମ ମାନବୀୟ ମୂଲ୍ୟବୋଧ, ମଣିଷ ପଣିଆକୁ ହତ୍ୟା କରାଯାଉଛି । ଏହା ସହିତ ଅଶ୍ଳୀଳତା, ନଗ୍ନତା ଓ ଯୌନତାର ବନ୍ୟା ସରକାରୀ ପ୍ରୋତ୍ସାହନରେ ସୃଷ୍ଟି କରାଯାଉଛି । ଇଣ୍ଟରନେଟ୍‌ରେ ବିଭିନ୍ନ ଅଶ୍ଳୀଳ ପର୍ଣ୍ଣୋଗ୍ରାଫି ସାଇଟ୍ ଖୋଲିବାକୁ ସରକାର ଅନୁମତି ଦେଉଛନ୍ତି, ଏପରିକି ଏଥିରୁ ଟିକସ ମଧ୍ୟ ଆଦାୟ କରୁଛନ୍ତି । ଗୋଟିଏ ଦିଗରେ ଯୁବକ ମାନଙ୍କ ହାତରେ କାମ ନାହିଁ, ଛାତ୍ରର ଶିକ୍ଷା ଲାଭର ସୁଯୋଗ ନାହିଁ, ଛାତ୍ର, ଯୁବକମାନଙ୍କ ଜୀବନରେ ଚରମ ଅନିଶ୍ଚିତତା, ହତାଶା । ଅନ୍ୟଦିଗରେ ମଦ, ମାଦକଦ୍ରବ୍ୟ, ଡ୍ରଗ୍ସ ଓ ଯୌନତାର ବନ୍ୟା । ଏହିଭଳି ଭାବରେ ଛାତ୍ର, ଯୁବକ, ତୁରଣ, ତରୁଣୀ ମାନଙ୍କୁ, ଏପରିକି ବୟସ୍କ ଲୋକମାନଙ୍କର ନୈତିକତାକୁ ଧ୍ୱଂସ କରାଯାଉଛି । ମଣିଷକୁ ଦୁଇ ଗୋଡିଆ ପଶୁରେ ପରିଣତ କରାଯାଉଛି । ମଣିଷ ଯୌନ ପାଗଳ, ନୀତି ନୈତିକତା, ମାନବୀୟ ଶୁନ୍ୟ ସଂବେଦନଶୀଳତା ବିବର୍ଜିତ ପଶୁରେ ପରିଣତ ହେଲେ ମହିଳା ମାନଙ୍କର ଘରେ, ବାହାରେ, ରାସ୍ତାଘାଟରେ, ସ୍କୁଲ କଲେଜରେ, କର୍ମସ୍ଥଳରେ କେଉଁଠିବି ନିସ୍ତାର ନାହିଁ । ସୁତରାଂ ସମଗ୍ର ଦେଶରେ ବିଶେଷକରି ଆମ ରାଜ୍ୟରେ ମହିଳାମାନଙ୍କ ଉପରେ ବଢିଚାଲିଥିବା ଯୌନ ହିଂସା ଏକ ଆକସ୍ମିକତା ନୁହେଁ, ଏହା ହେଉଛି ଦେଶର ଶାସକ ପୁଞ୍ଜିପତି ଶ୍ରେଣୀ, ସମସ୍ତ ଭୋଟ ସର୍ବସ୍ୱ ଦଳ ଏବଂ ଏହି ଦଳ ମାନଙ୍କ ନେତୃତ୍ୱରେ ପରିଚାଳିତ ସରକାର ମାନଙ୍କର ସୁପରିକଳ୍ପିତ ଯୋଜନା ।

## ଚାଷ ଓ ଚାଷୀର ଦୁଃଖ କହିଲେ ନସରେ

ରାଜ୍ୟର ଜନସାଧାରଣଙ୍କର ବାସ୍ତବ ଆର୍ଥିକ ସ୍ଥିତି ଜାଣିବା ପାଇଁ ଚାଷ ଓ ଚାଷୀ ମାନଙ୍କ ସଂପର୍କରେ ଆଲୋଚନା କରିବା ଜରୁରୀ । ସରକାରୀ ହିସାବ ଅନୁଯାୟୀ ରାଜ୍ୟର ଶତକଡା ୬୦ରୁ ୬୫ଭାଗ ଲୋକ କୃଷି ଉପରେ ନିର୍ଭରଶୀଳ । ପୁଣି ଚାଷୀମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଭାଗଚାଷୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀ । ତେବେ ରାଜ୍ୟରେ ଭାଗଚାଷୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ସଂଖ୍ୟା ମୋଟ୍ ଚାଷୀଙ୍କର ଶତକଡା ୮୦ ରୁ ୮୫ଭାଗରୁ ଅଧିକ ବୋଲି ବିଭିନ୍ନ ଘରୋଇ ସର୍ଭେରୁ ଜଣାଯାଇଛି । ଏହି ଚାଷୀଙ୍କ ହାତରେ ଜମି ନାହିଁ । ଭାଗଚାଷୀ ମାନେ ଚାଷ ପାଇଁ ଆବଶ୍ୟକ ଟଙ୍କା ବ୍ୟାଙ୍କରୁ ବା କୃଷି ସମବାୟ ସମିତିରୁ ଋଣ ଆକାରରେ ପାଆନ୍ତି ନାହିଁ । ଚଢା ସୁଧରେ ମହାଜନ ବା ମାଇକ୍ରୋ ଫାଇନାନ୍ସ ସଂସ୍ଥାରୁ ଋଣ କରିବାକୁ ବାଧ୍ୟ ହୁଅନ୍ତି । ସରକାରୀ ଦରରେ ବିହନ, ସାର, ପୋକମରା ଔଷଧ ମଧ୍ୟ ଭାଗଚାଷୀଙ୍କୁ ମିଳେ ନାହିଁ । ପୁଣି ଏହି ଭାଗଚାଷୀମାନେ ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ସହାୟକ ଦର ବା ଏମ୍‌ଏସ୍‌ପିର ମଣ୍ଡିରେ ଫସଲ ବିକ୍ରି କରିପାରନ୍ତି ନାହିଁ । ପ୍ରଚୁର ଅର୍ଥ ବ୍ୟୟକରି ଭାଗଚାଷୀମାନେ ଫସଲ ଫଳାନ୍ତି ମାତ୍ର ଖୁବ୍ କମ ଦରରେ ଫସଲର ଅଭାବୀ ବିକ୍ରି କରିବାକୁ ବାଧ୍ୟ ହୁଅନ୍ତି । ଫଳରେ ଭାଗଚାଷୀ ଋଣ ଯନ୍ତାରେ ପଡେ, ଚାଷ ଛାଡି ଦାଦନ ଖଟିବାକୁ ଯିବାକୁ ବାଧ୍ୟ ହୁଏ, କାମର ସନ୍ଧାନରେ ସହରର ପୂତିଗନ୍ଧମୟ ବସ୍ତିରେ ମୁଣ୍ଡ ଗୁଞ୍ଜେ କିମ୍ବା ହତାଶାଗ୍ରସ୍ତ ହୋଇ ଆତ୍ମହତ୍ୟାର ରାସ୍ତା ବାଛି ନିଏ । ୨୦୨୩ ଏନ୍‌ସିଆରବି ରିପୋର୍ଟ ଅନୁଯାୟୀ ଆମ ଦେଶରେ ପ୍ରତି ଘଣ୍ଟାରେ ଜଣେ ଚାଷୀ ଆଜି ଦିନରେ ଋଣଗ୍ରସ୍ତ ହୋଇ ଆତ୍ମହତ୍ୟା କରୁଛି । ସଂକ୍ଷେପରେ ଏହା ହେଉଛି, ରାଜ୍ୟର ଭାଗଚାଷୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଅବସ୍ଥା । ନିଜ ଜମିରେ ଚାଷ କରୁଥିବା ଚାଷୀଙ୍କ ଅବସ୍ଥା ମଧ୍ୟ ଭଲ ନୁହେଁ । ପୂର୍ବରୁ ଆବଶ୍ୟକତା ତୁଳନାରେ ଅଳ୍ପ ହେଲେ ମଧ୍ୟ ବିହନ, ସାର, ପୋକମରା ଔଷଧ ଉପରେ ମିଳୁଥିବା ସବ୍‌ସିଡି ସରକାର କାର୍ଯ୍ୟତଃ ବନ୍ଦ କରିଦେଇଛନ୍ତି । ଫଳରେ ଚାଷ କାମ ଅଧିକରୁ ଅଧିକ ବ୍ୟୟବହୁଳ ହେଉଛି । ଏହା ସହିତ ବିଦ୍ୟୁତ ଶୁଳ୍କ ଓ ଡିଜେଲ ଦରବୃଦ୍ଧି

ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ

## ବିଜେପି ନେତୃତ୍ୱରେ ...

(୨ୟ ପୃଷ୍ଠାର ଅବଶିଷ୍ଟାଂଶ)

ମଧ୍ୟ ଚାଷକାମକୁ ବ୍ୟୟବହୁଳ କରୁଛି। ଚାଷୀ ଅମଳ କରୁଥିବା ସବୁ ଧାନ ସରକାର ମଣ୍ଡି ଜରିଆରେ ଖରିଦ କରନ୍ତି ନାହିଁ। ସରକାର ଏକ ନିର୍ଦ୍ଦିଷ୍ଟ ପରିମାଣର ଧାନ କିଣନ୍ତି। ବାକି ଧାନକୁ ନିଜ ଜମିରେ ଚାଷକରୁଥିବା ଚାଷୀ ମଧ୍ୟ କମ ଦରରେ ବିକ୍ରିକରିବାକୁ ବାଧ୍ୟ ହୁଏ। ଏତିକିରେ ଚାଷୀର ଦୁଃଖ ସରିନାହିଁ। ଗତବର୍ଷ ନିଜ ଜମିରେ ଚାଷ କରୁଥିବା ରାଜ୍ୟର ହଜାର ହଜାର ଚାଷୀ ଟୋକନ ପାଇ ମଧ୍ୟ ମଣ୍ଡିରେ ଧାନ ଦେଇ ପାରିନାହାନ୍ତି। ପୁଣି ଚଳିତବର୍ଷ ସାରର ଅଭାବ ଚାଷୀ ପାଇଁ ଗୁରୁତର ପରିସ୍ଥିତି ସୃଷ୍ଟି କରିଛି। ହେଲେ ସରକାର ସଂପୂର୍ଣ୍ଣ ଉଦାସୀନ।

ଏହି ପ୍ରସଙ୍ଗରେ ଆଉ ଏକ ବିଷୟ ଉଲ୍ଲେଖ କରାଯିବା ଆବଶ୍ୟକ। ଚାଷୀ ଫସଲ ଉତ୍ପାଦନ କରେ ମାତ୍ର ଫସଲର ଦର ସରକାର ନିର୍ଦ୍ଧାରଣ କରନ୍ତି। ଆଖୁକୁ ବାଦଦେଲେ କେନ୍ଦ୍ର ସରକାର ମାତ୍ର ୨୨ଟି ଫସଲର ଦର ନିର୍ଦ୍ଧାରଣ କରନ୍ତି। ଏହି ଦର ହେଉଛି ଫସଲର ସର୍ବନିମ୍ନ ସହାୟକ ଦର ବା ଏମ୍ଏସ୍ପି। ଅର୍ଥାତ୍ ଏହାଠାରୁ କମ୍ ଦରରେ ଫସଲ ବିକ୍ରି ହେଲେ ଚାଷୀ ବଂଚିରହି ଆଗାମୀ ବର୍ଷ ଚାଷ କରିପାରିବ ନାହିଁ। ଫସଲର ଉପଯୁକ୍ତ ଦର ପାଇବା ପାଇଁ ଚାଷୀ ମାନଙ୍କର ଦୀର୍ଘ ଆନ୍ଦୋଳନ ଫଳରେ କଂଗ୍ରେସ ଦଳ ନେତୃତ୍ୱରେ ପରିଚାଳିତ କେନ୍ଦ୍ର ଉପା ସରକାର ସ୍ୱାମୀନାଥନ କମିଟି ବସାଇଥିଲା। କମିଟି $C_2$+୫୦ ଫର୍ମୁଲାରେ ଫସଲର ସର୍ବନିମ୍ନ ସହାୟକ ଦର ସ୍ଥିର କରିବାପାଇଁ ସୁପାରିଶ କରିଥିଲେ ମଧ୍ୟ ଉପା ସରକାର ଏହି ସୁପାରିଶ କାର୍ଯ୍ୟକାରୀ କରିନଥିଲା। ୨୦୧୪ ନିର୍ବାଚନରେ ବିଜେପି ଦଳ କ୍ଷମତାକୁ ଆସିଲେ ସ୍ୱାମୀନାଥନ କମିଟି ସୁପାରିଶ ଲାଗୁ କରିବ ବୋଲି ପ୍ରତିଶୃତି ଦେଇଥିଲା। ମାତ୍ର କେନ୍ଦ୍ରରେ ବିଜେପି ଦଳ ୧୧ବର୍ଷରୁ ଅଧିକ ସମୟ ଧରି କ୍ଷମତାରେ ରହିଥିଲେ ମଧ୍ୟ ଏହି ପ୍ରତିଶୃତି କାର୍ଯ୍ୟକାରୀ କରିନାହିଁ। ସ୍ୱାମୀନାଥନ କମିଟିର ସୁପାରିସ ଆଧାରରେ ଫସଲର ଏମ୍ଏସ୍ପି ନିର୍ଦ୍ଧାରଣ କରିବା ଓ ଆଇନ ପ୍ରଣୟନ କରି ଏମ୍ଏସ୍ପିଠାରୁ କମ୍ ଦାମରେ ଫସଲ ବିକ୍ରିକୁ ବେଆଇନ କରିବା ପାଇଁ ବର୍ଷ ବର୍ଷ ଧରି ଚାଷୀମାନେ ଆନ୍ଦୋଳନ କରୁଛନ୍ତି। ମାତ୍ର ସରକାର ଏହି ଦାବି ସ୍ୱୀକାର କରୁନାହାନ୍ତି। ପୁଣି ସରକାରୀ ହିସାବ ଅନୁଯାୟୀ ଦେଶରେ ଉତ୍ପାଦିତ ହେଉଥିବା ମୋଟ୍ ଫସଲର ହାରାହାରି ଶତକଡା ମାତ୍ର ୧୩ଭାଗ ହିଁ ଚାଷୀ ଏମ୍ଏସ୍ପିରେ ବିକ୍ରି କରିପାରୁଛି। ବାକି ଫସଲ ଚାଷୀ ଅଭାବୀ ବିକ୍ରି କରିବାକୁ ବାଧ୍ୟ ହେଉଛି।

ଚାଷ ପାଇଁ ଦ୍ୱିତୀୟ ଜରୁରୀ ଆବଶ୍ୟକତା ହେଉଛି ଜଳସେଚନ। ସରକାରୀ ଦାବି ଅନୁଯାୟୀ ୨୦୨୦ ମସିହା ସୁଦ୍ଧା ରାଜ୍ୟରେ ମୋଟ ୬୧.୮୦ଲକ୍ଷ ହେକ୍ଟର ଚାଷ ଜମି ମଧ୍ୟରୁ ଶତକଡା ୪୫ ଭାଗରୁ ଅଧିକ ଜଳସେଚିତ। ମାତ୍ର ବାସ୍ତବତାରୁ ଏହି ଦାବି ଅନେକ ଦୂରରେ। ଯେଉଁଠି ଜଳସେଚନ ବ୍ୟବସ୍ଥା ରହିଛି ସେଠାରେ ଚାଷୀ ଆବଶ୍ୟକ କରିବା ସମୟରେ କେନାଲରେ ପାଣି ଆସେ ନାହିଁ, କାରଣ ସେତେବେଳେ ନଈରେ ପାଣି ନଥାଏ। ପୁଣି କେନାଲରେ ଯେତେବେଳେ ପାଣି ଆସେ ସେତେବେଳେ କ୍ଷେତରେ ବର୍ଷାପାଣି ଜମି ରହିଥାଏ। ଫଳରେ ଆବଶ୍ୟକ ପାଣି ପାଇଁ ଆକାଶକୁ ଚାହିଁ ରହିବା ବ୍ୟତୀତ ଚାଷୀର ଅନ୍ୟକୌଣସି ଉପାୟ ନାହିଁ। ମାତ୍ର ଜଳକର ପଇଠ କରି କରି ଚାଷୀ ନୟାନ୍ତ। ପୁଣି ଧାନ ବ୍ୟତୀତ ରାଜ୍ୟରେ ଉତ୍ପାଦିତ ହେଉଥିବା ଅନ୍ୟ କୌଣସି ଫସଲକୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷିତ ଏମ୍ଏସ୍ପିରେ ଖରିଦ କରିବା ପାଇଁ ରାଜ୍ୟ ସରକାରଙ୍କର କୌଣସି ବ୍ୟବସ୍ଥା ନାହିଁ। ଏହା ସହିତ ପନିପରିବା ସଂରକ୍ଷଣ ପାଇଁ ସମଗ୍ର ରାଜ୍ୟରେ ସରକାରୀ ଉଦ୍ୟୋଗରେ ପରିଚାଳିତ ଶୀତଳ ଭଣ୍ଡାର କାର୍ଯ୍ୟତଃ ନାହିଁ। ଫଳରେ ଅମଳ ସମୟରେ ଅତ୍ୟନ୍ତ ଅଳ୍ପ ଦାମରେ ପରିବା ବିକ୍ରି କରି ଚାଷୀ ସର୍ବସ୍ୱାନ୍ତ ହେଉଛି। ରାଜ୍ୟର ପ୍ରତି ବ୍ଲକ୍ରେ ଅନ୍ତତଃ ଦୁଇଟି ଶୀତଳ ଭଣ୍ଡାର ସରକାରୀ ଉଦ୍ୟୋଗରେ ଖୋଲିବାପାଇଁ ଦାବି ପ୍ରତି ସରକାର କର୍ଣ୍ଣପାତ କୁରନାହାନ୍ତି। ଚାଷୀର ଦୁଃଖ ଏତିକିରେ ସରିନାହିଁ। ହାତୀ, ଭାଲୁ, ମାଙ୍କଡ, ହରିଣ ବାରହା, ବୁଲା ଗାଈ ଗୋରୁ, ଷଣ୍ଢ ଉତ୍ପାତରୁ ଫସଲ ରକ୍ଷା କରିବା ଚାଷୀ ପାଇଁ ଅତ୍ୟନ୍ତ କଷ୍ଟସାଧ୍ୟ ହେଉଛି। ହାତୀ ଆକ୍ରମଣରେ ଫସଲ ସହିତ ଚାଷୀ ଜୀବନ ହରାଉଛି।

ରାଜ୍ୟର ଚାଷୀକୂଳରେ ଏହିଭଳି ଦୟନୀୟ ଅବସ୍ଥା ସରକାରୀ ପରିସଂଖ୍ୟାନରୁ ମଧ୍ୟ ସ୍ପଷ୍ଟ ବୁଝିହେବ। ୨୦୧୯ ମସିହାରେ ପ୍ରକାଶିତ ନ୍ୟାସନାଲ ସାମ୍ପୁଲ୍ ସର୍ଭେ(NSSO) ରିପୋର୍ଟ ଅନୁଯାୟୀ ଓଡିଶାର ଜଣେ ଚାଷୀଙ୍କର ହାରାହାରି ମାସିକ ଆୟ ୫ହଜାର ୧୧୨ ଟଙ୍କା। ୨୦୧୯ ମସିହା ପରେ କେନ୍ଦ୍ର ସରକାର ଏହି ପରିସଂଖ୍ୟାନ ଜାରୀ କରିବା ବନ୍ଦ କରିଦେଇଥିଲେ ମଧ୍ୟ ଗତ ୬ବର୍ଷ ମଧ୍ୟରେ ଚାଷୀମାନଙ୍କ ଅବସ୍ଥାରେ ଯେ କୌଣସି ଉନ୍ନତି ହୋଇନାହିଁ ସେକଥା ଦିବାଲୋକରେ ସ୍ପଷ୍ଟ। ୨୦୨୨ ମସିହା ସୁଦ୍ଧା ସମଗ୍ର ଦେଶରେ ଚାଷୀମାନଙ୍କ ଆୟ ଦୁଇଗୁଣ କରିବାପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଘୋଷଣା କେତେ କାର୍ଯ୍ୟକାରୀ ହେଲା ସେକଥା କାହାରିକି ଜଣାନାହିଁ। ପ୍ରଧାନମନ୍ତ୍ରୀଙ୍କର ବହୁ ଘୋଷଣା ଓ ପ୍ରତିଶୃତି ଭଳି ଏହା ମଧ୍ୟ ଯେ ଏକ ଧୂଆଁବାଣ ସେକଥା ବର୍ତ୍ତମାନ ସ୍ପଷ୍ଟ ହୋଇଯାଇଛି। ଦରିଦ୍ର ଚାଷୀ ମାନଙ୍କର ଭୋଟ ପାଇବା ପାଇଁ ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି ଯୋଜନାରେ ବାର୍ଷିକ କିଛି ଟଙ୍କା ଦେଇ କେନ୍ଦ୍ର ସରକାର ହାତ ଝାଡି ଦେଇଛନ୍ତି। ସମାନ ଉଦ୍ଦେଶ୍ୟରେ ଗତ ବିଜେଡି ସରକାର କାଳିଆ ଯୋଜନାରେ ଚାଷୀଙ୍କୁ କିଛି କିଛି ଟଙ୍କା ଦେଉଥିଲେ। ବର୍ତ୍ତମାନ ରାଜ୍ୟ ବିଜେପି ସରକାର ଏହି ଯୋଜନା ବନ୍ଦ କରିଦେଇଛି। କ୍ଷମତାସୀନ ହେବାର ୧୫ ମାସ ପରେ ମଧ୍ୟ ରାଜ୍ୟ ବିଜେପି ସରକାର ଚାଷୀ ମାନଙ୍କର ମୂଳ ସମସ୍ୟାର ସମାଧାନ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ।

### ରୋଜଗାର କ୍ଷେତ୍ରରେ ଦୟନୀୟ ସ୍ଥିତି

ଚାଷକୁ ବାଦ ଦେଲେ ରାଜ୍ୟର ସବୁଠାରୁ ଅଧିକ ଲୋକ ଅସଂଗଠିତ କ୍ଷେତ୍ରରେ କାମ କରନ୍ତି। ଅସଂଗଠିତ ଶ୍ରମିକ ମାନଙ୍କ ପାଇଁ କୌଣସି ସରକାରୀ ଆଇନ କାନୁନ, ବିଶେଷକରି ଶ୍ରମ ଆଇନ ଲାଗୁ ହୁଏ ନାହିଁ। ଏହି ଶ୍ରମିକ ମାନଙ୍କ କାମର କୌଣସି ସ୍ଥାୟିତ୍ୱ ନଥାଏ। ଅସଂଗଠିତ ଶ୍ରମିକମାନେ କୌଣସି ପ୍ରକାର ଆଇନଗତ ବା ସାମାଜିକ ସୁରକ୍ଷା ପାଆନ୍ତି ନାହିଁ। ରାଜ୍ୟରେ ଏହି ଧରଣର ଶ୍ରମିକ ମାନଙ୍କ ମୋଟ୍ ସଂଖ୍ୟା କେତେ ସରକାରଙ୍କ ପାଖରେ ଏହାର କୌଣସି ହିସାବ ନାହିଁ। ତେବେ ସରକାରୀ ସୂତ୍ର ଅନୁଯାୟୀ ୨୦୨୪ ମସିହା ସୁଦ୍ଧା ରାଜ୍ୟ ୧କୋଟି ୩୩ଲକ୍ଷ ଲୋକ ନିଯୁକ୍ତି ଆଶାରେ ଇ-ଶ୍ରମ ପୋର୍ଟାଲରେ ନାମ ପଞ୍ଜିକରଣ କରିଛନ୍ତି। ଏହି ସଂଖ୍ୟା ସମଗ୍ର ଦେଶରେ ତୃତୀୟ ସର୍ବାଧିକ। ଏଠାରେ ସୂଚନାଯୋଗ୍ୟ କରୋନା ଜନିତ ଲକ୍ଡାଉନ ସମୟରେ ଦାଦନ ଶ୍ରମିକ ମାନଙ୍କର ଦୁରାବସ୍ଥା ଲୋକଲୋଚନକୁ ଆସିବାପରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ କେନ୍ଦ୍ର ସରକାର ଇ-ଶ୍ରମ ପୋର୍ଟାଲ ଆରମ୍ଭ କରିଥିଲେ। ବିଭିନ୍ନ ରାଜ୍ୟରୁ କାମର ସନ୍ଧାନରେ ଅନ୍ୟ ରାଜ୍ୟମାନଙ୍କୁ ଯାଉଥିବା ଦାଦନ ଶ୍ରମିକ ମାନଙ୍କ ସଂପର୍କରେ ଆକଳନ କରିବା ଓ ସେମାନଙ୍କ ପାଇଁ ଆବଶ୍ୟକ ସହାୟତା ଯୋଗାଇବା ଉଦ୍ଦେଶ୍ୟରେ ଏହି ପୋର୍ଟାଲ ଖୋଲାଯାଇଥିଲା। ମାତ୍ର ଇତିମଧ୍ୟରେ ପାଖାପାଖି ୫ବର୍ଷ ବିତି ଯାଇଥିଲେ ମଧ୍ୟ ପୋର୍ଟାଲରେ ନାମ ପଞ୍ଜିକୃତ କରିଥିବା ଅସଂଗଠିତ ଦାଦନ ଶ୍ରମିକ ମାନେ ଯେଉଁ ତିମିରେ ସେହି ତିମିରେ। ସରକାରୀ ପରିସଂଖ୍ୟାନରୁ ଆହୁରି ଜଣାଯାଇଛି ଯେ ରାଜ୍ୟ ବାହାରେ ବିଭିନ୍ନ ଧରଣର ନିର୍ମାଣ, ସୂତା, କପଡା ଓ ପୋଷାକ କାରଖାନା, ହୋଟେଲ ଓ ପର୍ଯ୍ୟଟନ କ୍ଷେତ୍ରରେ କାମ କରୁଥିବା ଶତକଡା ୯୨ଭାଗ ହେଉଛନ୍ତି ପ୍ରବାସୀ ଶ୍ରମିକ ବା ଦାଦନ ଶ୍ରମିକ।

**ବର୍ତ୍ତମାନ ଦେଖାଯାଉ ଏହି ଶ୍ରମିକମାନେ ମୋଟାମୋଟି କେତେ ଆୟ କରନ୍ତି।** କେନ୍ଦ୍ର ସରକାରଙ୍କ ଶ୍ରମ ଓ ନିଯୁକ୍ତି ବିଭାଗର ତଥ୍ୟ ଅନୁଯାୟୀ ୨୦୨୧ ମସିହା ସୁଦ୍ଧା ରାଜ୍ୟ ଭିତରେ ଓ ବାହାରେ ଅସଂଗଠିତ କ୍ଷେତ୍ରରେ କାମ କରୁଥିବା ଶତକଡା ୯୪ ଭାଗ ଶ୍ରମିକଙ୍କ ମାସିକ ଆୟ ୧୦,୦୦୦ ଟଙ୍କାରୁ କମ। ଏହାବ୍ୟତୀତ ଅସଂଗଠିତ ଶ୍ରମିକ ହେଲେ ମଧ୍ୟ ଦୀର୍ଘ ଲଢେଇ ଫଳରେ କିଛି କିଛି ସୁବିଧା ସୁଯୋଗ ପାଉଥିବା ରାଜ୍ୟର ପଞ୍ଜିକୃତ ନିର୍ମାଣ ଶ୍ରମିକ ମାନଙ୍କ ସଂଖ୍ୟା ୪୦ ଲକ୍ଷରୁ ଅଧିକ। ଏହି ଶ୍ରମିକମାନେ ଦୈନିକ ଖଟନ୍ତି ଏବଂ ମଜୁରୀ ପାଆନ୍ତି। ମାତ୍ର ଏମାନଙ୍କ କାମର ବା ମଜୁରୀର କୌଣସି ସ୍ଥାୟିତ୍ୱ ନାହିଁ। ସରକାରୀ ପରିସଂଖ୍ୟାନରୁ ଜଣାପଡିଛି ଯେ ରାଜ୍ୟର ନିର୍ମାଣ ଶ୍ରମିକ ମାନଙ୍କର ହାରାହାରି ମାସିକ ଆୟ ୮୦୦୦ଟଙ୍କାରୁ ମଧ୍ୟ କମ୍। ଏହାବ୍ୟତୀତ ଅତ୍ୟନ୍ତ ସ୍ୱଳ୍ପ ପାରିଶ୍ରମିକରେ ରାଜ୍ୟରେ ୧ଲକ୍ଷ ୧୦ହଜାର ମଧ୍ୟାହ୍ନ ଭୋଜନ ପାଚିକା-ସହାୟିକ, ୭୩ ହଜାର ଅଙ୍ଗନୱାଡି କର୍ମୀ, ପ୍ରାୟ ୫୦ ହଜାର ଆଶା କର୍ମୀ ଓ ଜୀବିକା ମିସନ ସ୍କିମ୍ରେ ଆହୁରି ହଜାର ହଜାର ମହିଳା କାମ କରୁଛନ୍ତି। ଦଶଂଧି ଦଶଂଧି ଧରି ସ୍ଥାୟୀ ଧରଣର କାମରେ ନିଯୁକ୍ତ ଏହି ସ୍କିମ୍ ଶ୍ରମିକ ମାନେ ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ମଜୁରୀରୁ ମଧ୍ୟ ବଂଚିତ। ଏହାବ୍ୟତୀତ ରାଜ୍ୟରେ ପ୍ରାୟ ୧୭ହଜାର ସ୍ୱାବଲମ୍ବୀ କାରିଗର ଓ ପମ୍ପ ଚାଳକ ମାମୁଲି ପାରିଶ୍ରମିକରେ ଦଶଂଧି ଦଶଂଧି ଧରି କାମ କରୁଛନ୍ତି। ଏହି ସ୍କିମ୍ ଶ୍ରମିକମାନେ ସରକାରଙ୍କ ଦ୍ୱାରା ମାରାତ୍ମକ ଶୋଷଣର ଶୀକାର।

ପୁଣି ଘରୋଇ ଉଦ୍ୟୋଗରେ ପ୍ରତିଷ୍ଠିତ ୨୪୦୦ଟି ବୃହତ ଓ ମଧ୍ୟମ ଧରଣର ଶିଳ୍ପରେ ୨ଲକ୍ଷ ୭୦ହଜାର ସଂଗଠିତ ଶ୍ରମିକ କାମ କରନ୍ତି ବୋଲି ରାଜ୍ୟ ସରକାର ଦାବି କରୁଛନ୍ତି। ସମଗ୍ର ରାଜ୍ୟରେ ଅଣୁ ଓ କ୍ଷୁଦ୍ର ଶିଳ୍ପରେ କେତେ ସଂଖ୍ୟକ ଶ୍ରମିକ କାମ କରୁଛନ୍ତି ତାର କୌଣସି ହିସାବ ସରକାରଙ୍କ ପାଖରେ ନାହିଁ। ତେବେ କେନ୍ଦ୍ରୀୟ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ସୂତ୍ରରୁ ଉପଲବ୍ଧ ତଥ୍ୟ ଅନୁଯାୟୀ ଘରୋଇ ଉଦ୍ୟୋଗରେ ପ୍ରତିଷ୍ଠିତ ଏହି ଧରଣର ଶିଳ୍ପରେ କାମ କରୁଥିବା ଶ୍ରମିକ ମାନଙ୍କର ହାରାହାରି ମାସିକ ଆୟ ୧୨,୭୫୦ ଟଙ୍କା।

ଏହି ଧରଣର ଶିଳ୍ପରେ ନିଯୁକ୍ତିର ଅତ୍ୟନ୍ତ ସୀମିତ ସୁଯୋଗ ଓ ସେଠାରେ କାମ କରୁଥିବା ଶ୍ରମିକମାନଙ୍କର ଆୟ ଏହିଭଳି ଦୟନୀୟ ହୋଇଥିଲେ ମଧ୍ୟ ବହୁପ୍ରଚାରିତ ଶିଳ୍ପାୟନ ଆଳରେ ୨୦୦୦ରୁ ୨୦୦୯ ମସିହା ପର୍ଯ୍ୟନ୍ତ ବିଜେଡି-ବିଜେପି ମେଣ୍ଟ ସରକାର, ୨୦୦୯ରୁ ୨୦୨୪ ପର୍ଯ୍ୟନ୍ତ ବିଜେଡି ସରକାର ଏବଂ ବର୍ତ୍ତମାନର ବିଜେପି ସରକାର ଉର୍ବର ଚାଷଜମିକୁ ଚାଷୀମାନଙ୍କ ହାତରୁ ଛଡେଇ ନେଇ ଦେଶୀ ବିଦେଶୀ ଏକଚାଟିଆ ପୁଞ୍ଜିପତି ମାନଙ୍କୁ କାର୍ଯ୍ୟତଃ ବିନା ମୂଲ୍ୟରେ ଟେକି ଦେଇଛନ୍ତି ଓ ଦେଉଛନ୍ତି। ବିଜେଡି-ବିଜେପି ମେଣ୍ଟ ସରକାର ସମୟରେ କଳିଙ୍ଗନଗରରେ ୧୩ ଜଣ ଆଦିବାସୀଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଢିଙ୍କିଆଠାରୁ ଆରମ୍ଭକରି ସୁନ୍ଦରଗଡ, ଅନୁଗୁଳ ଓ ରାୟଗଡା ପର୍ଯ୍ୟନ୍ତ ଭିଟାମାଟି, ଜମି, ଜଙ୍ଗଲ, ପ୍ରାକୃତିକ ସଂପଦ ଓ ପ୍ରାକୃତିକ ଜଳ ଉତ୍ସର ସୁରକ୍ଷା ପାଇଁ ଲଢେଇ କରୁଥିବା ଲୋକଙ୍କ ଉପରେ ଆଜି ମଧ୍ୟ ଅକଥନୀୟ ପୁଲିସ ଅତ୍ୟାଚାର ଚାଲିଛି। କେନ୍ଦୁଝର ଜିଲ୍ଲାର ପାଟଣା ବ୍ଲକ୍ର ୧୮ଟି ଗ୍ରାମର ପ୍ରାୟ ୩୦୦୦ ଏକର ଦୋଫସଲି ଚାଷଜମିକୁ ଜିନ୍ଦଲ ଓ ପୋସ୍କୋ କମ୍ପାନୀକୁ ଦେବାପାଇଁ କରାଯାଇଥିବା ସରକାରୀ ନିଷ୍ପତ୍ତିକୁ ସଂପୃକ୍ତ ଗ୍ରାମବାସୀମାନେ ଦୃଢ ବିରୋଧ କରୁଛନ୍ତି।

ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ

## ବିଜେପି ନେତୃତ୍ୱରେ ...

(୩ୟ ପୃଷ୍ଠାର ଅବଶିଷ୍ଟାଂଶ)

ଗ୍ରାମବାସୀ ମାନଙ୍କର ପ୍ରତିବାଦ ଓ ପ୍ରତିରୋଧ ଆନ୍ଦୋଳନକୁ ଭାଙ୍ଗିବାପାଇଁ ରାଜ୍ୟ ସରକାର ସଂପୃକ୍ତ ଅଂଚଳରେ ପୁଲିସ ଲଗାଇ ଆତଙ୍କରାଜ ଚଳାଇଛି। ଆନ୍ଦୋଳନକାରୀମାନେ ଶିଳ୍ପ ବିରୋଧି ଓ ଜିଲ୍ଲାର ବିକାଶ ବିରୋଧି ବୋଲି ସରକାରୀ କଳ ଓ ସରକାରୀ ଦଳ ପକ୍ଷରୁ ଅପପ୍ରଚାର କରାଯାଉଛି। ତେବେ ଏଠାରେ ସ୍ପଷ୍ଟ କରିଦିଆଯାଉଛି ଯେ ଆନ୍ଦୋଳନକାରୀ ଶିଳ୍ପ ପ୍ରତିଷ୍ଠାର ବିରୋଧି ନୁହଁନ୍ତି। ପତିତ ଜମି କିମ୍ବା ଅବ୍ୟବହୃତ ଅବସ୍ଥାରେ ପଡିରହିଥିବା ହଜାର ହଜାର ଏକର ଜମିରେ ଶିଳ୍ପ ପ୍ରତିଷ୍ଠା କରିବାକୁ ଆନ୍ଦୋଳନକାରୀ ମାନେ ଦାବି କରୁଛନ୍ତି। କେନ୍ଦୁଝର ଜିଲ୍ଲାରେ ଏହିଭଳି ପ୍ରଚୁର ପରିମାଣର ଜମି ରହିଥିଲେ ମଧ ସେଠାରେ ଶିଳ୍ପ ପ୍ରତିଷ୍ଠା କରାଯାଉନାହିଁ। ନିଯୁକ୍ତି ସୁଯୋଗ ବିହିନ ଓ ମାରାତ୍ମକ ଭାବରେ ପ୍ରଦୂଷଣକାରୀ ଶିଳ୍ପ ପ୍ରତିଷ୍ଠାକୁ ବିରୋଧ କରାଯାଉଛି। କେବଳ ସେତିକି ନୁହେଁ, ଶିଳ୍ପ ପ୍ରତିଷ୍ଠା ଆଳରେ ଘରୋଇ କମ୍ପାନୀମାନଙ୍କୁ ହଜାର ହଜାର କୋଟି ଟଙ୍କାର କର ଟିକସ ଛାଡ କରାଯାଉଛି। ମାତ୍ର ଏହିସବୁ ଶିଳ୍ପରେ କେତେ ସଂଖ୍ୟକ ଲୋକ କାମ ପାଉଛନ୍ତି, ଏହାଫଳରେ ରାଜ୍ୟବାସୀଙ୍କର କି ଉପକାର ହେଉଛି ତାର କୌଣସି ସଠିକ ପରିସଂଖ୍ୟାନ ସଂପୃକ୍ତ କାରଖାନା ମାଲିକ କିମ୍ବା ସରକାରଙ୍କ ପକ୍ଷରୁ ଦିଆଯାଉନାହିଁ।

କଳକାରଖାନାରେ କାମକରୁଥିବା ସଂଗଠିତ ଶ୍ରମିକ ଓ ବିପୁଳ ସଂଖ୍ୟକ ଅସଂଗଠିତ ଶ୍ରମିକମାନଙ୍କ ବ୍ୟତୀତ ରାଜ୍ୟରେ ଲକ୍ଷାଧିକ ଆଉଟ୍‌ସୋର୍ସିଂ କର୍ମଚାରୀ ଓ ଶ୍ରମିକ କାମ କରୁଛନ୍ତି। ରାଜ୍ୟ ଆଉଟସୋର୍ସିଂ ଫେଡେରେସନର ସୂତ୍ର ଅନୁଯାୟୀ ରାଜ୍ୟରେ ୬୦ ହଜାର ଗ୍ରୁପ ସି ଓ ୬୦ରୁ୮୦ ହଜାର ଗ୍ରୁପ-ଡି ଆଉଟ୍ ସୋର୍ସିଂ କର୍ମଚାରୀ କାମ କରୁଛନ୍ତି। ୨୦୨୫ ମାର୍ଚ୍ଚ ମାସ ସୁଦ୍ଧା ଏହି କର୍ମଚାରୀ ମାନଙ୍କ ହାରାହାରି ମାସିକ ଦରମା ୧୦ ହଜାରରୁ ୧୫,୬୦୦ଟଙ୍କା ବୋଲି ଜଣାପଡିଛି। ଏହି କର୍ମଚାରୀ ମାନଙ୍କୁ ସ୍ଥଳ ବିଶେଷରେ ୧୨ଘଣ୍ଟାରୁ ଅଧିକ ସମୟ କାମ କରିବାକୁ ବାଧ୍ୟ କରାଯାଏ। ଏହି କର୍ମଚାରୀ ମାନଙ୍କର ଚାକିରିର କୌଣସି ସ୍ଥାୟିତ୍ୱ ନାହିଁ କିମ୍ବା ଚାକିରି ସର୍ତ୍ତାବଳୀ ନାହିଁ। ଏହା ବ୍ୟତୀତ ୨୦୨୧ ମସିହା ଏପ୍ରିଲ ମାସ ସୁଦ୍ଧା ଓଡିଶାରେ ୫୨,୦୦୦ଗିଗ୍ ଓ ପ୍ଲାଟଫର୍ମ ଶ୍ରମିକ କାମକରୁଛନ୍ତି ବୋଲି ସଂସଦରେ ବିଭାଗୀୟ ମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ଧରଣର ଶ୍ରମିକ ମାନଙ୍କ ସଂଖ୍ୟା ଇତିମଧ୍ୟରେ ଶତକଡା ୩୦ରୁ ୪୦ଭାଗ ବୃଦ୍ଧି ପାଇଛି ବୋଲି ସରକାରୀ ସୂତ୍ରରୁ ପ୍ରକାଶ। ଏହି ଶ୍ରମିକ ମାନଙ୍କର ଆୟ ଅତ୍ୟନ୍ତ କମ୍ ଏବଂ ଏମାନେ ଇ-କମର୍ସ କମ୍ପାନୀ ମାନଙ୍କଦ୍ୱାରା ଅକଥନୀୟ ଶୋଷଣର ଶୀକାର। ଏହା ହେଉଛି ରାଜ୍ୟ ଶତକଡା ୯୦ଭାଗରୁ ଅଧିକ ଲୋକଙ୍କର ରୋଜଗାରର ବାସ୍ତବ ଚିତ୍ର।

ପ୍ରସଙ୍ଗତଃ ଉଲ୍ଲେଖଯୋଗ୍ୟ ଯେ, ବିଗତ ଶତାବ୍ଦୀର ୯୦ ଦଶକର ପ୍ରାରମ୍ଭରେ ଦେଶରେ ଖୋଲାବଜାର ଅର୍ଥନୀତିର ପ୍ରଚଳନ ପରେ କେନ୍ଦ୍ରରେ କ୍ଷମତାସୀନ ହୋଇଥିବା ବିଭିନ୍ନ ଦଳର ସରକାରମାନେ ଶ୍ରମିକ କର୍ମଚାରୀ ମାନଙ୍କର କଷ୍ଟାର୍ଜିତ ଅଧିକାର ଗୁଡିକୁ ଗୋଟିଏ ପରେ ଗୋଟିଏ ଅପହରଣ କରିଚାଲିଛନ୍ତି। ସାମାଜିକ ସୁରକ୍ଷାଗୁଡିକୁ ଯୋଜନାବଦ୍ଧ ଭାବରେ କାଢିନିଆ ଯାଇଛି। ଶ୍ରମ ଆଇନ ଗୁଡିକୁ ଉଚ୍ଛେଦ କରି ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ବିଜେପି ସରକାର ୪ଟି ଶ୍ରମ କୋର୍ଡ ଲାଗୁ କରିଛି। ଏହାଦ୍ୱାରା କାର୍ଯ୍ୟତଃ ଶ୍ରମିକ ମାନଙ୍କର ଯୌଥ ମୂଲଚାଲ(Collective Bargaining)ର ସମସ୍ତ ଅଧିକାର ଛଡେଇ ନିଆଯାଇଛି। ବାଜପେୟୀଙ୍କ ନେତୃତ୍ୱରେ ପରିଚାଳିତ ଏନ୍‌ଡିଏ ସରକାରର ଶାସନ କାଳରେ ସରକାରୀ କର୍ମଚାରୀଙ୍କ ପେନସନ୍ ବ୍ୟବସ୍ଥା ଉଚ୍ଛେଦ କରାଯାଇଛି। ପୁରୁଣା ପେନ୍‌ସନ ବ୍ୟବସ୍ଥା ପୁନଃ ପ୍ରଚଳନ କରିବାପାଇଁ ସରକାରୀ କର୍ମଚାରୀମାନେ ଦୀର୍ଘ ବର୍ଷ ଧରି ଲଗାତର ଆନ୍ଦୋଳନ କରୁଥିଲେ ମଧ କେନ୍ଦ୍ର ବିଜେପି ସରକାର ୟୁନିଫାଏଡ୍ ପେନସନ ସ୍କିମ୍ ଲାଗୁକରି କର୍ମଚାରୀମାନଙ୍କୁ ପ୍ରତାରିତ କରିବାକୁ ଉଦ୍ୟମ କରୁଛନ୍ତି। ଏହିଭଳି ପରିସ୍ଥିତିରେ ଦେଶରେ ଉତ୍କଟ ବେକାରୀର ସୁଯୋଗ ନେଇ ବଡ ବଡ କର୍ପୋରେଟ୍ ହାଉସ୍‌ର ମାଲିକମାନେ ଶ୍ରମିକ ମାନଙ୍କୁ ଦିନକୁ ୧୦ଘଣ୍ଟା, ଏପରିକି ୧୨ଘଣ୍ଟା କାମ କରାଇ ସେମାନଙ୍କ ରକ୍ତ ଶୋଷିବାପାଇଁ ପ୍ରସ୍ତାବ ଦେଉଛନ୍ତି। ଆମ ରାଜ୍ୟର ଡବଲ ଇଂଜିନ ସରକାର ସଂପ୍ରତି ଏହି ପ୍ରସ୍ତାବକୁ କାର୍ଯ୍ୟକାରୀ କରିଛି। ମହିଳା ଶ୍ରମିକ ମାନଙ୍କୁ ମଧ ରାତିରେ କାମ କରାଇବା ପାଇଁ ରାଜ୍ୟ ସରକାର ଅନୁମତି ଦେଇଛି। ଏହି ପରିସ୍ଥିତିରେ ଆମ ରାଜ୍ୟ ସମେତ ସମଗ୍ର ଦେଶର ଶ୍ରମଜୀବୀ ଜନସାଧାରଣଙ୍କ ଅବସ୍ଥା ଭୟାବହ ହୋଇଛି। କର୍ମକ୍ଷମ ଲୋକଙ୍କ ହାତରେ କାମ ନାହିଁ, ଯାହା କାମ ମିଳୁଛି ସେଥିରୁ ମିଳୁଥିବା ପାରିଶ୍ରମିକରେ ଗୁଜୁରାଣ ମେଣ୍ଟାଇବା ପ୍ରାୟ ଅସମ୍ଭବ, ପୁଣି ସେହି ସାମାନ୍ୟ ପାରିଶ୍ରମିକ ପାଇଁ ହାଡଭଙ୍ଗା, ଦିନକୁ ୧୦, ୧୨ ଘଣ୍ଟା ପରିଶ୍ରମ। ଏହାହିଁ ବର୍ତ୍ତମାନର ବାସ୍ତବ ସ୍ଥିତି।

### ସାଧାରଣଲୋକଙ୍କ ଆୟ ହ୍ରାସ ପାଉଛି

କେବଳ ସାଧାରଣ ଶ୍ରମଜୀବୀ ମଣିଷ ନୁହଁନ୍ତି, ଆଇଟି କ୍ଷେତ୍ରରେ କାମ କରୁଥିବା ଅତ୍ୟନ୍ତ କୁଶଳୀ ଉଚ୍ଚଶିକ୍ଷିତ ବିଷାରଦ ମାନଙ୍କ ଦରମା ମଧ ବୃଦ୍ଧି ପାଉନାହିଁ। ସେହି କ୍ଷେତ୍ରରୁ ଭୟାବହ ଛଟେଇ ଚାଲିଛି। ଏହାଉପରେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ଦ୍ୱାରା HIB ଭିସା ପାଇଁ ଆବେଦନ ଫି ୮୮ ଲକ୍ଷ ଟଙ୍କା କରାଯିବାପରେ ଏହି କ୍ଷେତ୍ରରେ ହାହାକାର ପଡିଯାଇଛି। ଅନ୍ୟଦିଗରେ ବଜାର ଦରରେ ନିଆଁ ଲାଗିଛି। କେନ୍ଦ୍ର ବିଜେପି ସରକାର ଦ୍ୱାରା ୨୦୧୬ ମସିହା ନଭେମ୍ବର ୮ତାରିଖ ମଧରାତ୍ରୀରୁ ଲାଗୁ କରାଯାଇଥିବା ବିମୁଦ୍ରୀକରଣ ସାଧାରଣ ଲୋକଙ୍କ ଅଣ୍ଟା ଭାଙ୍ଗି ଦେଇଛି। କୋଟି କୋଟି ଲୋକଙ୍କୁ କାମ ଯୋଗାଉଥିବା କ୍ଷୁଦ୍ର ଓ ମଧ୍ୟମ ଧରଣର ଲକ୍ଷ ଲକ୍ଷ କାରଖାନା ସବୁଦିନ ପାଇଁ ବନ୍ଦ ହୋଇଛି। ଏହାଫଳରେ ଦେଶର ଅଭ୍ୟନ୍ତରରେ ଅତ୍ୟନ୍ତ ଗମ୍ଭୀର ବଜାର ସଂକଟ ସୃଷ୍ଟି ହୋଇଛି। ଏହା ପରେ ପରେ ୨୦୧୭ ମସିହା ଜୁଲାଇ ୧ତାରିଖ ମଧରାତ୍ରୀରୁ କେନ୍ଦ୍ର ସରକାର ଜିଏସ୍‌ଟି ଲାଗୁକରି ଦେଶର ଦରିଦ୍ରରୁ ଦରିଦ୍ରତମ ଲୋକଙ୍କ ରକ୍ତ ଶୋଷଣ କରୁଛି। ଚଢା ହାରରେ ସମସ୍ତ ପ୍ରକାର ଅତ୍ୟାବଶ୍ୟକ ସାମଗ୍ରୀ ଉପରୁ ଜିଏସ୍‌ଟି ଆଦାୟ କରାଯିବା ଫଳରେ ବିସ୍କୁଟ, ବାରମଜା ଭଳି ସାମଗ୍ରୀ ଖରିଦ କରିବା ମଧ ଲୋକଙ୍କ ପକ୍ଷରେ ସମ୍ଭବ ହେଉନାହିଁ ବୋଲି ସରକାର ସ୍ୱୀକାର କରିଛନ୍ତି। ଫଳରେ ସାଧାରଣ ଖାଉଟି ସାମଗ୍ରୀ ବିକ୍ରି ହ୍ରାସ ପାଇଛି। ଖାଦ୍ୟ ସାମଗ୍ରୀ ଖରିଦ କରିବାରେ ହିଁ ଲୋକଙ୍କ ରୋଜଗାରର ଅଧିକାଂଶ ଅଂଶ ଖର୍ଚ୍ଚ ହେଇଯାଉଛି। ପରିଣାମତଃ ଘରୋଇ ସଂଚୟ ଗତ ୫୦ବର୍ଷ ମଧରେ ସର୍ବନିମ୍ନ ସ୍ତରରେ ପହଁଚିଛି। ସୁନା ବନ୍ଧା ଦେଇ ଋଣ ନେବା ଲୋକଙ୍କ ସଂଖ୍ୟା ଆଶାତୀତ ଭାବରେ ବଢିଚାଲିଛି। ଉତ୍କଟ ଆର୍ଥିକ ସଂକଟ ଫଳରେ ମଧବିତ୍ତ ଶ୍ରେଣୀର ଆକାର ସଂକୁଚିତ ହୋଇଛି। ଦରିଦ୍ର ଆହୁରି ଦରିଦ୍ର ହେଉଛି, ନିମ୍ନ ମଧବିତ୍ତ ଦରିଦ୍ର ହେଉଛି। ଅନ୍ୟଦିଗରେ ଦେଶର ସିଂହଭାଗ ସଂପଦ ମୁଷ୍ଟିମେୟ ଧନକୁବେରଙ୍କ ହାତରେ ଦ୍ରୁତ ଠୁଳ ହେଉଛି। ଏହାଫଳରେ ଦେଶର ଆଭ୍ୟନ୍ତରୀଣ ବଜାର ଦ୍ରୁତ ସଂକୁଚିତ ହେଉଛି। ଏହିଭଳି ପରିସ୍ଥିତିରେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଭାରତୀୟ ସାମଗ୍ରୀ ଉପରେ ଶତକଡା ୫୦ଭାଗ ଅଧିକ ଆମଦାନୀ ଶୁଳ୍କ ଲାଗୁ କରି ଅର୍ଥନୀତିକୁ ଆହୁରି ଗଭୀର ସଂକଟ ମଧକୁ ଠେଲି ଦେଇଛନ୍ତି। ଏହାର ପରିଣତିରେ ଆମ ରାଜ୍ୟରେ ଚିଙ୍ଗୁଡି ପ୍ରକ୍ରିୟାକରଣ କାମରେ ନିଯୁକ୍ତ ୨୦ହଜାରରୁ ଅଧିକ ଶ୍ରମିକ କାମ ହରାଇଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ମହିଳା। ସାରାଦେଶରେ କେବଳ ଏହି କ୍ଷେତ୍ରରୁ ୩୦ଲକ୍ଷ ଲୋକ କାମ ହରାଇଛନ୍ତି ବୋଲି ଆକଳନ କରାଯାଉଛି।

ପରିସ୍ଥିତିର ମୁକାବିଲା କରିବାପାଇଁ ସେପ୍ଟେମ୍ବର ୨୨ତାରିଖରୁ କେନ୍ଦ୍ର ସରକାର ଜିଏସ୍‌ଟି ହାରରେ ହ୍ରାସ-ବୃଦ୍ଧି କରିଛନ୍ତି। ଏହାକୁହିଁ ବିଜେପି ସରକାର ଏକ ବିରାଟ ଜନଦରଦୀ ପଦକ୍ଷେପ ଭାବରେ ପ୍ରଚାର କରୁଛନ୍ତି। ଅତ୍ୟନ୍ତ ହାସ୍ୟାସ୍ପଦ ଭାବରେ ଏହି ପ୍ରଚାର ପାଇଁ ଲୋକଙ୍କ ଟିକସ ଟଙ୍କାରୁ ସରକାର ଶହ ଶହ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ସରକାରୀ ପ୍ରଚାର ଦେଖି ମନେହେଉଛି ସତେ ଯେଭଳି ଅନ୍ୟ କୌଣସି ସରକାର ଚଢା ଦରରେ ଜିଏସ୍‌ଟି ଆଦାୟ କରୁଥିଲା ଓ ବିଜେପି ସରକାର ଏହାକୁ ଜନସ୍ୱାର୍ଥରେ ହ୍ରାସ କରିଦେଇଛି। ସରକାର ପ୍ରଚାର କରୁଛନ୍ତି ଏହାଦ୍ୱାରା ଜିନିଷପତ୍ରର ଦର କମିବ, ବଜାରରେ କାରବାର ବଢିବ, ଲୋକଙ୍କ ପାଖରେ ଦୁଇ ପଇସା ରହିବ। ହେଲେ ସରକାର ଯାହା ପ୍ରଚାର କଲେ ବି ସାଧାରଣ ଲୋକ ଯେ ଏହାଦ୍ୱାରା ଉପକୃତ ହେବେ ନାହିଁ ବରଂ ସରକାର ଲୋକଙ୍କୁ ଅଧିକ ଶୋଷଣ କରି ପୂର୍ବାପେକ୍ଷା ଅଧିକ ଜିଏସ୍‌ଟି ଆଦାୟ କରିବେ ସେକଥା ଇତିମଧରେ ସ୍ପଷ୍ଟ ହୋଇଯାଇଛି।

### ପେଟ୍ରୋଲ, ଡିଜେଲ ଦର ବଢାଇ ଜନସାଧାରଣଙ୍କୁ ନିର୍ମମ ଭାବରେ ଶୋଷଣ କରାଯାଉଛି

ଏହା ସହିତ ପେଟ୍ରୋଲ ଓ ଡିଜେଲର ଅସ୍ୱାଭାବିକ ଦରବୃଦ୍ଧି ଫଳରେ ସମସ୍ତ ସାମଗ୍ରୀର ଦରବୃଦ୍ଧି ଘଟିଛି। ବିଶ୍ୱ ବଜାରରେ ଲଗାତର ୧୦ବର୍ଷ ଧରି କଂଚା ତେଲର ଦର ତୁଳନାମୂଳକ ଭାବରେ କମ ରହିଛି। ବିଶେଷକରି ୨୦୨୨ ମସିହାରେ ଫେବୃୟାରୀ ମାସରେ ଋଷିଆ-ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବାପରେ ଭାରତୀୟ ତେଲ କମ୍ପାନୀମାନେ ଅତ୍ୟନ୍ତ କମ ଦାମରେ ଋଷିଆରୁ ତେଲ ଖରିଦ କରୁଛନ୍ତି। ଏହି ଶସ୍ତା ତେଲକୁ ବିଶୋଧନ କରି ଦେଶ ଭିତରେ ଓ ବିଦେଶରେ ଚଢା ଦରରେ ବିକ୍ରିକରି ଘରୋଇ କମ୍ପାନୀମାନେ ପ୍ରଚୁର ମୁନାଫା ଅର୍ଜନ କରୁଛନ୍ତି। ମାତ୍ର ପେଟ୍ରୋଲ ଦର ୨୦୨୧ ମସିହାରୁ ଲିଟର ପିଛା ୧୦୦ଟଙ୍କା ଉପରେ ରହିଛି। ସେହିଭଳି ଗତ ୫ବର୍ଷ ଧରି ଡିଜେଲ ଦର ଲିଟରପିଛା ହାରାହାରି ୮୭ଟଙ୍କା ରହିଛି।

ଏଠାରେ ଉଲ୍ଲେଖଯୋଗ୍ୟ ୨୦୧୦ ମସିହାରେ କଂଗ୍ରେସ ଦଳ ନେତୃତ୍ୱରେ ପରିଚାଳିତ ଉପା ସରକାର ପ୍ରଥମେ ପେଟ୍ରୋଲ ଦରକୁ ସରକାରୀ ନିୟନ୍ତ୍ରଣମୁକ୍ତ କରିଥିଲା। ଏହାପରେ କଂଗ୍ରେସ ସରକାରର ପଦାଙ୍କ ଅନୁସରଣ କରି କେନ୍ଦ୍ର ବିଜେପି ସରକାର ୨୦୧୪ ମସିହାରେ ଡିଜେଲ ଦରକୁ ନିୟନ୍ତ୍ରଣମୁକ୍ତ କଲା। ସେତେବେଳେ ସରକାରଙ୍କ ପକ୍ଷରୁ କୁହାଯାଇଥିଲା- ବିଶ୍ୱ ବଜାରରେ କଂଚା ତେଲର ଦାମ କମିଲେ ଦେଶରେ ପେଟ୍ରୋଲ ଓ ଡିଜେଲର ଦର କମିବ। ପୁଣି ବିଶ୍ୱ ବଜାରରେ କଂଚା ତେଲର ଦର ବଢିଲେ ଦେଶରେ ପେଟ୍ରୋଲ ଓ ଡିଜେଲ ମହଙ୍ଗା ହେବ। ବଜାର ହିଁ ଦର ସ୍ଥିର କରିବ। ସରକାର ଏଥିରେ ହସ୍ତକ୍ଷେପ କରିବେ ନାହିଁ। ମାତ୍ର ସରକାର ବର୍ତ୍ତମାନ ଠିକ୍ ଓଲଟା କାମ କରୁଛନ୍ତି। ବିଶ୍ୱ ବଜାରରେ କଂଚାତେଲ ଯେତେ ଶସ୍ତା ହେଉଛି ସରକାର ପେଟ୍ରୋଲ ଡିଜେଲ ଉପରେ ସେତେ ଅଧିକ ଟିକସ ଲୋକଙ୍କଠାରୁ ଆଦାୟ କରୁଛନ୍ତି। ଏହାଫଳରେ ସାଧାରଣ ଖାଉଟି ଅକଥନୀୟ ଶୋଷଣର ଶିକାର ହେଉଛି, ସରକାର ଓ ଘରୋଇକମ୍ପାନୀ ପ୍ରଚୁର ମୁନାଫା ଅର୍ଜନ କରୁଛନ୍ତି। ଏହାଫଳରେ ସମସ୍ତ ଖାଉଟି ସାମଗ୍ରୀର ଦର ବଢୁଛି, ପରିବହନ ଓ ଯାତାୟତ ଖର୍ଚ୍ଚ ବଢୁଛି। ଚାଷ ଖର୍ଚ୍ଚ ବଢୁଛି।

ଅବଶିଷ୍ଟାଂଶ ୫ମ ପୃଷ୍ଠାରେ

## ବିଜେପି ନେତୃତ୍ୱରେ ...

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

### କର୍ପୋରେଟ୍ ହାଉସ ମାନଙ୍କ ପାଇଁ ସରକାରଙ୍କ ହାତଖୋଲା

ଏହିଭଳି ଭାବରେ ସାଧାରଣ ଲୋକଙ୍କୁ ଅକଥନୀୟ ଆର୍ଥିକ ଶୋଷଣ କରୁଥିବା କେନ୍ଦ୍ର ବିଜେପି ସରକାର ୨୦୧୯ ମସିହାରୁ ଭାରତୀୟ କର୍ପୋରେଟ୍ ହାଉସ ମାନଙ୍କଠାରୁ ଆଦାୟ କରାଯାଉଥିବା କର୍ପୋରେଟ ଟିକସ ଶତକଡା ୩୦ଭାଗରୁ ଶତକଡା ୨୨ ଭାଗ ଓ ବିଦେଶୀ କମ୍ପାନୀ ମାନଙ୍କ ପାଇଁ ଏହି ଟିକସ ଶତକଡା ୪୦ଭାଗରୁ ଶତକଡା ୩୫ ଭାଗକୁ ହ୍ରାସ କରିଛି। ଏହି ଟିକସ ଛାଡ ବ୍ୟତୀତ ଏକଚାଟିଆ ପୁଞ୍ଜିପତି ମାନଙ୍କ ମାଲିକାଧିନ କମ୍ପାନୀ ମାନଙ୍କୁ କେନ୍ଦ୍ର ସରକାର ଉତ୍ପାଦନ ସହିତ ଯୁକ୍ତ ପ୍ରୋତ୍ସାହନ (Production Linked Incentive), ରପ୍ତାନୀ ସହିତ ଯୁକ୍ତ ପ୍ରୋତ୍ସାହନ (Export Linked Incentive) ଓ ନିଯୁକ୍ତି ସୃଷ୍ଟି ସହିତ ଯୁକ୍ତ ପ୍ରୋତ୍ସାହନ(Employment Linked Incentive) ଆଳରେ ପ୍ରଚୁର ପରିମାଣର କର ଟିକସ ଛାଡ କରୁଛନ୍ତି। ଫଳରେ ଏହି କମ୍ପାନୀ ମାନଙ୍କୁ କାର୍ଯ୍ୟତଃ ଶତକଡା ୧୫ଭାଗ କର ହିଁ ଦେବାକୁ ହେଉଛି। ଏହାସତ୍ତ୍ୱେ ମଧ୍ୟ ଏହି କମ୍ପାନୀମାନେ ନାନା ଭାବରେ ହିସାବ କିତାବରେ ଜାଲିଆତି କରି ବିପୁଳ ପରିମାଣର ଟିକସ ଠକେଇ କରିବା ଏକ ସାଧାରଣ କଥା। ଅବଶ୍ୟ ଇଲେକ୍ଟୋରାଲ ବଣ୍ଡରେ ବିଜେପି ସମେତ ଅନ୍ୟାନ୍ୟ ଦଳକୁ ଏହ ଠକ କମ୍ପାନୀମାନେ ବିପୁଳ ପରିମାଣର ଚାନ୍ଦା ଦିଅନ୍ତି। କେବଳ ଏତିକି ନୁହେଁ, ୨୦୧୫-୧୬ରୁ ୨୦୨୪-୨୫ ଆର୍ଥିକ ବର୍ଷ ମଧ୍ୟରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମାନେ ବଡ ବଡ କମ୍ପାନୀ ମାନଙ୍କର ୧୬ଲକ୍ଷ କୋଟି ଟଙ୍କା ଅନାଦେୟ ଋଣ ଛାଡ କରିଛନ୍ତି। ପୁଣି ସରକାରୀ ବ୍ୟାଙ୍କ ମାନଙ୍କର ଲକ୍ଷ ଲକ୍ଷ କୋଟି ଟଙ୍କା ଲୁଟ୍ କରିଥିବା କମ୍ପାନୀ ମାନଙ୍କୁ ବ୍ୟାଙ୍କରୁ ଆହୁରି ଋଣ ନେବାପାଇଁ ସରକାର ଆମନ୍ତ୍ରଣ କରିଛନ୍ତି। କର୍ପୋରେଟ୍ ମାନଙ୍କ ପ୍ରତି ସରକାର ଏତେ ଦୟାଳୁ ହେଲାବେଳେ ସାଧାରଣ ଗ୍ରୁପ-ବି ସରକାରୀ ଚାକିରିଆ ମାନଙ୍କଠାରୁ ଶତକଡା ୩୦ ହାରରେ ବ୍ୟକ୍ତିଗତ ଆୟକର ଆଦାୟ କରାଯାଉଛି। ଏହାଫଳରେ ସରକାରୀ ରାଜସ୍ୱରେ ବ୍ୟକ୍ତିଗତ ଆୟକର ଓ ଦେଶର ଦରିଦ୍ରରୁ ଦରିଦ୍ରତମ ଲୋକଙ୍କଠାରୁ ଆଦାୟ କରାଯାଉଥିବା ଜିଏସ୍‌ଟିର ପରିମାଣ ବଢି ଚାଲିଛି। ଅନ୍ୟଦିଗରେ ମୋଟ୍ କର୍ପୋରେଟ୍ ଟିକସ ଲଗାତର ଭାବରେ ହ୍ରାସ ପାଉଛି।

### ରାଜ୍ୟରେ ବିଦ୍ୟୁତ କ୍ଷେତ୍ରରେ ଘରୋଇକରଣ ବେଡି ଉପରେ କୋରଡା ଭଳି ହୋଇଛି

ଏଠାରେ ସୂଚନାଯୋଗ୍ୟ ୧୯୯୧ ମସିହାରେ ଦେଶରେ ଜଗତିକରଣ ନୀତି ପ୍ରଚଳନ ପରେ ଦେଶର ପ୍ରଥମ ରାଜ୍ୟ ଭାବରେ ଓଡିଶାରେ ବିଦ୍ୟୁତ କ୍ଷେତ୍ରରେ ଘରୋଇକରଣ କରାଯାଇଥିଲା। ସେହି ସମୟରେ ସରକାର ଘୋଷଣା କରିଥିଲେ ଘରୋଇକରଣ ଫଳରେ ଏହି କ୍ଷେତ୍ରରେ ବ୍ୟାପକ ପୁଞ୍ଜିନିବେଶ ହେବ ଏବଂ ଆଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଫଳରେ ବିଦ୍ୟୁତ ସରବରାହ ଜନିତ ତ୍ରୁଟି ହ୍ରାସ ପାଇବ। ଏହାଫଳରେ ବିଦ୍ୟୁତ ଶୁଳ୍କ ହ୍ରାସ ପାଇବ ଓ ଘନ ଘନ ବିଜୁଳିକାଟ ଓ ଲୋଭୋଲଟେଜର ଯୁଗ ଶେଷ ହେବ। ମାତ୍ର ବିଦ୍ୟୁତ କ୍ଷେତ୍ରର ଘରୋଇକରଣର ପ୍ରାୟ ୩୦ବର୍ଷପରେ କ୍ରମାଗତ ବୃଦ୍ଧି ପାଉଥିବା ବିଦ୍ୟୁତ ଶୁଳ୍କର ବୋଝରେ ସାଧାରଣ ବିଦ୍ୟୁତ ଗ୍ରାହକ ଅତିଷ୍ଠ। ଘନ ଘନ ବିଦ୍ୟୁତକାଟ ଓ ଲୋଭୋଲଟେଜ ଦୁରାରୋଗ୍ୟ ବ୍ୟାଧିରେ ପରିଣତ ହୋଇଛି। ସରକାରଙ୍କ ସହାୟତାରେ ସାଧାରଣ ଖାଉଟିଙ୍କୁ ଲୁଣ୍ଠନ କରି ଅତୀତରେ ଗୋଟିଏ ପରେ ଗୋଟିଏ ଘରୋଇ କମ୍ପାନୀ ଚମ୍ପଟ ମାରିଛନ୍ତି। ଜନସାଧାରଣଙ୍କ ତଣ୍ଟିଚିପି ଆଦାୟ କରାଯାଉଥିବା କର ଟିକସ ଟଙ୍କାରୁ ଘରୋଇ କମ୍ପାନୀମାନଙ୍କୁ ସରକାର ବିଭିନ୍ନ ବାବଦରେ ହଜାର ହଜାର କୋଟି ଟଙ୍କା କ୍ଷତିପୂରଣ ଦେଇଛନ୍ତି। ସଂପ୍ରତି କେନ୍ଦ୍ର ବିଜେପି ସରକାର ବିଦ୍ୟୁତ ଆଇନ୍ ୨୦୨୩ ପ୍ରଣୟନ କରିବାପରେ ସମଗ୍ର ରାଜ୍ୟରେ ସ୍ମାଟ୍ ମିଟରର ଆତଙ୍କ। ପୁଲିସ ସହାୟତାରେ ଲୋକଙ୍କ ଘରୁ କାର୍ଯ୍ୟକ୍ଷମ ବିଦ୍ୟୁତ ମିଟର ଜବରଦସ୍ତ ବାହାର କରିଦେଇ ଟାଟା କମ୍ପାନୀ ପ୍ରିପେଡ୍ ସ୍ମାଟ ମିଟର ଲଗାଉଛି। ଏହି ସ୍ମାର୍ଟ ମିଟର ପାଇଁ ଚଢା ଦରରେ ଟଙ୍କା ଆଦାୟ କରାଯିବା ସହିତ ଅନ୍ୟାନ୍ୟ ବହୁ ହାସ୍ୟାସ୍ପଦ କାରଣ ଦର୍ଶାଇ ଲୋକଙ୍କଠାରୁ ଜବରଦସ୍ତ ଟଙ୍କା ଆଦାୟ କରାଯାଉଛି। ଅବିଶ୍ୱାସନୀୟ ପରିମାଣର ବିଦ୍ୟୁତ ବିଲ ଆସୁଛି ଏବଂ ବିଲ ଆଦାୟ ପାଇଁ ଟାଟା କମ୍ପାନୀ ସାଧାରଣ ଗ୍ରାହକ ମାନଙ୍କ ଉପରେ ରିତିମତ ଦାଦାଗିରି ଚଳାଇଛି। ଏହାଫଳରେ ସାଧାରଣ ବିଦ୍ୟୁତ ଗ୍ରାହକ ଆତଙ୍କିତ ଅବସ୍ଥାରେ ରହିଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ବିଦ୍ୟୁତ ଆଇନ ୨୦୨୩ ଜରିଆରେ ସାଧାରଣ ବିଦ୍ୟୁତ ଗ୍ରାହକଙ୍କୁ ଆହୁରି ନିର୍ଦ୍ଦୟ ଭାବରେ ଶୋଷଣ କରିବା ଏବଂ ଦେଶର ସମସ୍ତ ବିଦ୍ୟୁତ କ୍ଷେତ୍ରକୁ ଏକଚାଟିଆ ଘରୋଇ କମ୍ପାନୀ ମାନଙ୍କ ହାତକୁ ଟେକିଦେବା ପାଇଁ ଉଦ୍ୟମ କରାଯାଉଛି।

### ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ

ସ୍ୱାଧୀନତା ଅର୍ଜନ ସମୟରୁହିଁ କେନ୍ଦ୍ର ଓ ରାଜ୍ୟରେ କ୍ଷମତାସୀନ ସରକାରମାନେ ଶିକ୍ଷା କ୍ଷେତ୍ରରେ ପରିକଳ୍ପିତ ଭାବରେ ଅରାଜକ ପରିସ୍ଥିତି ସୃଷ୍ଟି କରିଛନ୍ତି। ଶିକ୍ଷାପାଇଁ କୌଣସି ସରକାର କେବେହେଲେ ଆବଶ୍ୟକ ପରିମାଣର ଅର୍ଥ ବରାଦ କରିନାହିଁ। ଏପରିକି ସରକାର ମାନେ ବିଭିନ୍ନ ସମୟରେ ଗଠନ କରିଥିବା ଶିକ୍ଷା କମିଶନ ସୁପାରିଶ କରିଥିବା ଅର୍ଥ ତୁଳନାରେ ଯଥେଷ୍ଟ କମ୍ ପରିମାଣର ଅର୍ଥ ବ୍ୟୟ କରାଯାଇଛି। ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟ ବିଜେପି ସରକାର ମଧ୍ୟ ଏହାର ପୁନରାବୃତ୍ତି କରୁଛନ୍ତି। ତେବେ ସ୍ୱାଧୀନତା ଅର୍ଜନରେ ତିନି ଦଶଂଧି ପର୍ଯ୍ୟନ୍ତ ଦେଶର ସମସ୍ତ ନାଗରିକଙ୍କୁ ଶିକ୍ଷା ଦେବାର ଆର୍ଥିକ ଦାୟିତ୍ୱ ସରକାରଙ୍କର ବୋଲି ସାଧାରଣ ଭାବରେ ସ୍ୱୀକୃତ ହୋଇଥିଲା। ସରକାର ମଧ୍ୟ ଏହି ଦାୟିତ୍ୱ ଅସ୍ୱୀକାର କରିନଥିଲେ। ମାତ୍ର ୧୯୮୬ ମସିହାରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧିଙ୍କ ସରକାର ଦ୍ୱାରା ପ୍ରଣୀତ ନୂତନ ଜାତୀୟ ଶିକ୍ଷାନୀତି-୧୯୮୬ ସର୍ବପ୍ରଥମ ଏହି ସ୍ୱୀକୃତ ଧାରାରୁ ବିଚ୍ୟୁତ ହୋଇଥିଲା। ପ୍ରଥମତଃ, ଏହି ନୀତି ସ୍ପଷ୍ଟ ଭାଷାରେ ଘୋଷଣା କରିଥିଲା- ପିଲାଙ୍କୁ ଶିକ୍ଷିତ କରିବାର ଦାୟିତ୍ୱ ଆଉ କେବଳ ସରକାରଙ୍କର ନୁହେଁ, ବାପା ମା'ଙ୍କୁ ମଧ୍ୟ ଏହାର ଆର୍ଥିକ ଦାୟିତ୍ୱ ନେବାକୁ ହେବ। ଦ୍ୱିତୀୟତଃ, ଶିକ୍ଷା କ୍ଷେତ୍ରରେ ଘରୋଇ ପୁଞ୍ଜି ନିବେଶ ଓ ମୁନାଫା ଅର୍ଜନ ପାଇଁ ଏହି ନୀତି ସର୍ବପ୍ରଥମ ସମଗ୍ର ଶିକ୍ଷା କ୍ଷେତ୍ରକୁ ଉନ୍ମୁକ୍ତ କଲା। ତୃତୀୟତଃ, ଏହି ଶିକ୍ଷାନୀତି ସର୍ବପ୍ରଥମ ଶିକ୍ଷାର ଅଣ ଆନୁଷ୍ଠାନିକରଣ (Nonformalisation) କଲା। ଯାହାଫଳରେ ଆମେ ବର୍ତ୍ତମାନ ବିଭିନ୍ନ ପାରିଶ୍ରମିକରେ ଗଣ ଶିକ୍ଷକ, ପାରା ଶିକ୍ଷକ, ଶିକ୍ଷା ସହାୟକ, ଅତିଥି ଶିକ୍ଷକ ଭଳି ଭିନ୍ନ ଭିନ୍ନ ଧରଣର ଶିକ୍ଷକ ଦେଖିବାକୁ ପାଉଛୁ। ସ୍ୱାଭାବିକ ଭାବରେ ଏହି ଶିକ୍ଷାନୀତି ଶିକ୍ଷାର ବ୍ୟାପକ ଘରୋଇକରଣ, ବ୍ୟବସାୟୀକରଣ, ପଣ୍ୟୀକରଣ (Commodification) ଓ ଅଣ ଆନୁଷ୍ଠାନିକରଣର ସିଂହଦ୍ୱାର ଉନ୍ମୁକ୍ତ କଲା। ଶିକ୍ଷା ବଜାରର ପଣ୍ୟରେ ପରିଣତ ହେଲା। ଅର୍ଥାତ୍ ଯିଏ ଅଧିକ ଟଙ୍କା ଖର୍ଚ୍ଚ କରିପାରିବ ସେ ଭଲ ଶିକ୍ଷା ଖରିଦ୍ କରିପାରିବ। ସମସ୍ତଙ୍କ ପାଇଁ ଏକାଧରଣର ସ୍କୁଲ ବ୍ୟବସ୍ଥା ଇତିହାସ ପାଲଟିଲା। ଏହାଫଳରେ ସମଗ୍ର ଶିକ୍ଷାବ୍ୟବସ୍ଥା ଥିଲାବାଲା ଓ ନଥିଲାବାଲାଙ୍କ ମଧ୍ୟରେ ଧ୍ରୁବୀକୃତ ହେଉଛି। ଏହାର ୩୪ବର୍ଷପରେ ୨୦୨୦ ମସିହାରେ, ସମଗ୍ର ଦେଶରେ କରୋନାର ତାଣ୍ଡବ ଚାଲିଥିଲାବେଳେ କେନ୍ଦ୍ର ବିଜେପି ସରକାର ଅତ୍ୟନ୍ତ ଅଗଣତାନ୍ତ୍ରିକ ଭାବରେ ନୂଆ ଜାତୀୟ ଶିକ୍ଷାନୀତି ୨୦୨୦ ଦେଶ ଉପରେ ଲଦି ଦେଇଛନ୍ତି। ଏହି ଶିକ୍ଷାନୀତି ଖୋଲା ଖୋଲି ଘୋଷଣା କରିଛି ଯେ ନୂତନ ଜାତୀୟ ଶିକ୍ଷାନୀତି-୧୯୮୬ର ଅପୁରିତ କାର୍ଯ୍ୟକୁ ଏହା ପୂରଣ କରିବ। ଶିକ୍ଷାନୀତି ପ୍ରଣୟନକାରୀ ମାନଙ୍କ ସମସ୍ତ ଭାଷା ଚାତୁରୀ ସତ୍ତ୍ୱେ, ଏହି ଗୋଟିଏ ଧାଡିରୁ ହିଁ ଶିକ୍ଷାନୀତିର ପରିଣାମ କ'ଣ ହେବ ସେକଥା ସ୍ପଷ୍ଟ ହେଉଛି। ଏହା ସମଗ୍ର ଶିକ୍ଷା ବ୍ୟବସ୍ଥାକୁ ଗଭୀର ଭାବରେ ପ୍ରଭାବିତ କରିବ ଏବଂ ସାଧାରଣ ଘରର ପିଲାଙ୍କୁ ଆହୁରି ଦ୍ରୁତ ଓ ବ୍ୟାପକ ଭାବରେ ଶିକ୍ଷାର ସୁଯୋଗରୁ ଯେ ବଂଚିତ କରିବ ତାହା ବର୍ତ୍ତମାନ ସ୍ପଷ୍ଟ ପ୍ରତୀୟମାନ ହେଉଛି। ତେବେ ଏହି ଶିକ୍ଷାନୀତିର ୪ଟି ମାରାତ୍ମକ ଦିଗ ଉପରେ ଆମେ ଏଠାରେ ଆମର ଆଲୋଚନାକୁ ସୀମିତ ରଖିବୁ।

ପ୍ରଥମତଃ, ଏହି ଶିକ୍ଷାନୀତି ପ୍ରାଥମିକ ବିଦ୍ୟାଳୟଗୁଡିକୁ ବନ୍ଦ କରିବା(Closure) ଓ ଆବଶ୍ୟକ ସ୍ଥଳେ କେତେଗୁଡିଏ ପ୍ରାଥମିକ ବିଦ୍ୟାଳୟକୁ ମିଶାଇ ଦେଇ ଗୋଟିଏ କରିବା(Merger) ପାଇଁ ସୁପାରିଶ କରିଛି। ସୂଚନାଯୋଗ୍ୟ ୨୦୧୭ ମସିହାରେ ସର୍ବପ୍ରଥମ ନୀତି ଆୟୋଗ ସ୍କୁଲ ବନ୍ଦ କରିବା ଓ କେତେଗୁଡିଏ ସ୍କୁଲକୁ ମିଶାଇ ଦେବାପାଇଁ ସୁପାରିଶ କରିଥିଲା। ଏହି ସୁପାରିଶ ଅନୁଯାୟୀ ବିଜେଡି ସରକାର ୧୪୩୭୯ ଟି ସ୍କୁଲକୁ ବନ୍ଦ କରିବା ଓ ହଜାର ହଜାର ସ୍କୁଲର ମିଶ୍ରଣ କରିବାପାଇଁ ନିଷ୍ପତ୍ତି କରିଥିଲା ଏବଂ ଏହା ମଧ୍ୟରୁ ୭ହଜାରରୁ ଅଧିକ ସ୍କୁଲକୁ ବନ୍ଦ କରି ଦେଇଥିଲା। ନିର୍ବାଚନରେ ଜିତି ରାଜ୍ୟରେ ସରକାର ଗଠନକଲେ ବନ୍ଦ ହୋଇଥିବା ସ୍କୁଲ ଖୋଲିବାକୁ ପ୍ରତିଶୃତି ଦେଇଥିବା ବର୍ତ୍ତମାନର ରାଜ୍ୟ ବିଜେପି ସରକାର ସ୍କୁଲ ବନ୍ଦ କରିବା ପ୍ରକ୍ରିୟା ଜାରୀ ରଖିଛନ୍ତି। ଉଲ୍ଲେଖଯୋଗ୍ୟ ସ୍କୁଲ ବନ୍ଦ କରିବା ପ୍ରକ୍ରିୟା ସର୍ବପ୍ରଥମ ବିଜେପି ଶାସିତ ରାଜସ୍ଥାନ ସରକାର ଆରମ୍ଭ କରିଥିଲା ଏବଂ ବର୍ତ୍ତମାନ ବିଜେପି ସମେତ ଅନ୍ୟ ସମସ୍ତ ଦଳର ସରକାରମାନେ ଏହା କରୁଛନ୍ତି। ସାରାଦେଶରେ ୨୦୧୭-୧୮ରୁ ୨୦୨୩-୨୪ ମଧ୍ୟରେ ୧ଲକ୍ଷ ୩୦ହଜାର ସରକାରୀ ସ୍କୁଲ ବନ୍ଦ ହୋଇଛି। ସ୍କୁଲ ବନ୍ଦ କରିବାପରେ ବର୍ତ୍ତମାନ ରାଜ୍ୟ ସରକାର କଲେଜ ବନ୍ଦ ଓ ମିଶ୍ରଣ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଇତିମଧ୍ୟରେ ଶତାଧିକ କଲେଜକୁ ନୋଟିସ ଜାରୀ କରାଯାଇଛି। ଏହି ଶିକ୍ଷାନୀତିର ସୁପାରିଶ ଅନୁଯାୟୀ ଡିଗ୍ରୀ କଲେଜ ମାନଙ୍କରେ ଛାତ୍ର ଛାତ୍ରୀ ସଂଖ୍ୟା ଅନ୍ତତଃ ୩୦୦୦ ହେବା ଜରୁରୀ। ତିନି ହଜାରରୁ କମ୍ ଛାତ୍ର ଛାତ୍ରୀ ପଢୁଥିବା କଲେଜକୁ ନିକଟବର୍ତ୍ତି କଲେଜ ସହିତ ମିଶ୍ରଣ କରାଯିବ। କହିବା ବାହୁଲ୍ୟ, ସରକାରୀ ସ୍କୁଲ ଓ ସରକାରୀ ଅନୁଦାନ ପ୍ରାପ୍ତ କଲେଜ ବନ୍ଦ କିମ୍ବା ମିଶ୍ରଣ ହେଲେ ସାଧାରଣ ଘରର ପିଲା, ବିଶେଷକରି ଛାତ୍ରୀମାନଙ୍କ ପାଠରେ ଡୋରୀ ବନ୍ଧା ହେବା ନିଶ୍ଚିତ।

ଦ୍ୱିତୀୟ ବିଷୟଟି ହେଉଛି ରେସନାଲାଇଜେସନ୍ ଆଳରେ ବିଭିନ୍ନ ସ୍କୁଲ କଲେଜରେ ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ଓ ଅନ୍ୟାନ୍ୟ କର୍ମଚାରୀ ପଦବୀ ହ୍ରାସ କରିବା, ସ୍ଥାୟୀ ଶିକ୍ଷକ ଓ ଅଧ୍ୟାପକଙ୍କ ଜାଗାରେ ଅତିଥି ଶିକ୍ଷକ ଓ ଅଧ୍ୟାପକ ନିଯୁକ୍ତି କରିବା। ଏହାବ୍ୟତୀତ ଶ୍ରେଣୀ ଗୃହ ଶିକ୍ଷା ବଦଳରେ ଶିକ୍ଷାଦାନକୁ ଅଧିକରୁ ଅଧିକ ଅନଲାଇନ ବ୍ୟବସ୍ଥାରେ କରିବାପାଇଁ ମଧ୍ୟ ଏହି ଶିକ୍ଷାନୀତି ସୁପାରିଶ କିରିଛି। ଏହାସହିତ ବିଜ୍ଞାନ, କଳା ଓ ବାଣିଜ୍ୟ ଶିକ୍ଷାରେ ଥିବା ବିଭିନ୍ନ ବିଭାଗ ଓ ସ୍ପେସିଆଲାଇଜେସନ ଗୁଡିକର ଏକତ୍ରୀକରଣ କରିବା ଯାହାଫଳରେ ତୁଳନାମୂଳକ ଭାବରେ ଅଳ୍ପ ସଂଖ୍ୟକ ଅଧ୍ୟାପକଙ୍କ ଦ୍ୱାରା କାମ ଚଳିଯିବ ଏବଂ ଆବଶ୍ୟକସ୍ଥଳେ ଅନଲାଇନ ଶିକ୍ଷା ଦିଆଯିବ। ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ଉଚ୍ଚ ଶିକ୍ଷାର ମୃତ୍ୟୁଘଣ୍ଟି ବାଜିବା ନିଶ୍ଚିତ।

ତୃତୀୟ ବିଷୟଟି ହେଉଛି, ୪ବର୍ଷିଆ ଡିଗ୍ରୀ କୋର୍ସ। ରାଜ୍ୟରେ ବିଜେପି ସରକାର କ୍ଷମତାସୀନ

ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ

## ବିଜେପି ନେତୃତ୍ୱରେ ...

(୫ମ ପୃଷ୍ଠାର ଅବଶିଷ୍ଟାଂଶ)

ହେବାପରେ ଏହି ବ୍ୟବସ୍ଥାକୁ ଅତ୍ୟନ୍ତ ତରବରିଆ ଭାବରେ ପୂର୍ବର ୩ବର୍ଷିଆ ଡିଗ୍ରୀକୋର୍ସ ଅନୁଯାୟୀ ୪ମାସ ପଢିସାରିଥିବା ଛାତ୍ରଛାତ୍ରୀଙ୍କ ଉପରେ ଲଦି ଦିଆଯାଇଛି। ଏହି ବ୍ୟବସ୍ଥାରେ ବିନା କାରଣରେ +୩ ପାଶ କରିବାପାଇଁ ଗୋଟିଏ ବର୍ଷ ଅଧିକ ପଢିବାକୁ ପଡୁଥିବାରୁ ଏହା ସାଧାରଣ ଘରର ପିଲାଙ୍କ ଉପରେ ଆର୍ଥିକ ବୋଝ ସୃଷ୍ଟି କରିବ। ଦ୍ୱିତୀୟତଃ, ଅସଂଖ୍ୟ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର ଖୋଲି ଦେଇ ଏହା +୩ ଶିକ୍ଷାକୁ ପିଲା ଖେଳରେ ପରିଣତ କରାଯାଇଛି। ଏହା ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିବା ନିଶ୍ଚିତ।

ଚତୁର୍ଥତଃ, ଶିକ୍ଷକ ଶିକ୍ଷା ବା ବିଏଡ୍ ଶିକ୍ଷା ପାଇଁ ଏହି ଶିକ୍ଷାନୀତି ଇଣ୍ଟିଗ୍ରେଟେଡ୍ ଶିକ୍ଷକ ଶିକ୍ଷା ପ୍ରୋଗ୍ରାମ ପାଇଁ ସୁପାରିଶ କରିଛି। ସଂପ୍ରତି ରାଜ୍ୟ ବିଜେପି ସରକାର ଏହି ବ୍ୟବସ୍ଥା ରାଜ୍ୟରେ ପ୍ରଚଳନ କରିଛନ୍ତି। ଏହି ନୂତନ ବ୍ୟବସ୍ଥାରେ ଶିକ୍ଷକ ଶିକ୍ଷାକୁ ୪ବର୍ଷିଆ କରାଯାଇଛି ଏବଂ ପ୍ରତ୍ୟେକ ବର୍ଷ ପାଇଁ କୋର୍ସ ଫି ୪୫ ହଜାର ଟଙ୍କା ରଖାଯାଇଛି। ଏହା ସହିତ ପୂର୍ବରୁ ରାଜ୍ୟରେ କେବଳ ମାତ୍ର ଶିକ୍ଷକ ଶିକ୍ଷାଦାନ ପାଇଁ ଉଦ୍ଦିଷ୍ଟ ବିଏଡ୍ କଲେଜ ଗୁଡିକ ବନ୍ଦ ହେବାର ଦ୍ୱାର ଦେଶରେ ପହଂଚିଛି। ରାଜ୍ୟରେ ଥିବା ୧୬ଟି ବିଏଡ୍ କଲେଜ ମଧ୍ୟରୁ ଇତି ପୂର୍ବରୁ ଗୋଟିଏ କଲେଜ ବନ୍ଦ ହୋଇଛି ଓ ଅନ୍ୟ କଲେଜ ଗୁଡିକର ଭବିଷ୍ୟତ ସୂତାଖିଆରେ ଝୁଲୁଛି। ଏହାବ୍ୟତୀତ ଶିକ୍ଷାର ସମସ୍ତ ସ୍ତରର ଶିକ୍ଷକ, ଅଧ୍ୟାପକ ମରୁଡି ଦଶଂଧି ଦଶଂଧି ଧରି ଲାଗି ରହିଛି। ଗୋଟିଏ ପରେ ଗୋଟିଏ ସରକାର ଉଦ୍ଦେଶ୍ୟମୂଳକ ଭାବରେ ରାଜ୍ୟର ସରକାରୀ ଶିକ୍ଷା ଭିତ୍ତଭୂମିକୁ ସଂପୂର୍ଣ୍ଣ ଧ୍ୱଂସ କରିଛନ୍ତି। ଅନ୍ୟଦିଗରେ ସରକାରୀ ପ୍ରୋତ୍ସାହନରେ ବ୍ୟୟବହୁଳ ଘରୋଇ ସ୍କୁଲ ଓ ବିଶ୍ୱବିଦ୍ୟାଳୟ ଗୋଟିଏ ପରେ ଗୋଟିଏ ଖୋଲୁଛି। ଏହିଭଳି ଭାବରେ ରାଜ୍ୟର ସାଧାରଣ ଘରର ପିଲାଙ୍କ ପାଇଁ ଶିକ୍ଷାକୁ ଅପହଂଚ କରିବା ପ୍ରକ୍ରିୟାକୁ ସଂପୂର୍ଣ୍ଣ କରିବାପାଇଁ ଏହି ଶିକ୍ଷାନୀତିର ପ୍ରଚଳନ ଜରିଆରେ ଉଦ୍ୟମ କରାଯାଉଛି।

### ସଂପୂର୍ଣ୍ଣ ଘରୋଇକରଣ ମୁହାଁ ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ର

ଜନସାଧାରଣଙ୍କୁ ପ୍ରଦୂଷଣ ମୁକ୍ତ ପରିବେଶ ଏବଂ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ସରକାରଙ୍କର ମୌଳିକ ଦାୟିତ୍ୱ। ମାତ୍ର ସ୍ୱାଧିନତାର ୭୮ବର୍ଷ ପରେ ମଧ ରାଜ୍ୟର ମୋଟ୍ ୫୧,୩୪୯ଟି ରାଜସ୍ୱ ଗ୍ରାମ ମଧ୍ୟରୁ ୨୮,୦୦୦ ଗ୍ରାମ, ଅର୍ଥାତ୍ ରାଜ୍ୟର ଶତକଡା ୬୦ଭାଗ ଗ୍ରାମକୁ ପାଇପଯୋଗେ ପାନୀୟ ଜଳ ଯୋଗାଇବାରେ ସରକାର ବିଫଳ ହୋଇଛନ୍ତି। ଏଥିପାଇଁ ଦୂଷିତ ପାଣି ପିଇ ଲକ୍ଷ ଲକ୍ଷ ଲୋକ ନାନା ଧରଣର ଜଳବାହୀ ଓ ଅନ୍ୟାନ୍ୟ ଧରଣର ରୋଗର ଶୀକାର ହେବା ସହିତ ବିଭିନ୍ନ ଜଟିଳ ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାବ୍ୟତୀତ ଶିଳ୍ପାୟନ ନାମରେ କରାଯାଉଥିବା ପରିବେଶ ପ୍ରଦୂଷଣ ଓ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ବିନା ଖଣି ଶ୍ରମିକ ମାନଙ୍କୁ କାମ କରାଇବା ଫଳରେ ସେହି ଅଂଚଳ ମାନଙ୍କରେ ଶ୍ରମିକ ଏବଂ ସାଧାରଣ ଲୋକ ଫୁସ୍‌ଫୁସ୍ ସଂକ୍ରମଣ ଓ ସିଲିକୋସିସ୍ ଭଳି ମାରାତ୍ମକ ରୋଗର ଶୀକାର ହେଉଛନ୍ତି। ପରିବେଶ ପ୍ରଦୂଷଣ, ଦୂଷିତ ପାଣି ଓ ସେହିଭଳି ଅନ୍ୟାନ୍ୟ କାରଣରୁ ରାଜ୍ୟରେ କେତେକ ଅଂଚଳରେ କିଡ୍‌ନି ରୋଗ ଓ କ୍ୟାନସର ମହାମାରୀ ରୂପ ଧାରଣ କରିଛି। ମାତ୍ର ଏହାର ନିରାକରଣ ପାଇଁ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁନାହାନ୍ତି।

ଏହା ସହିତ ରହିଛି ଦାରିଦ୍ର୍ୟ ଓ ଅପପୁଷ୍ଟି ଜନିତ ସ୍ୱାସ୍ଥ୍ୟଗତ ସମସ୍ୟା। କେନ୍ଦ୍ର ସରକାରଙ୍କ ନ୍ୟାସନାଲ ଫ୍ୟାମିଲି ହେଲ୍‌ଥ ସର୍ଭେ-୫(National Family Health Survey-5) ରେ ପ୍ରଦତ୍ତ ହିସାବ ଅନୁଯାୟୀ ଖାଦ୍ୟାଭାବ ଓ ଅପପୁଷ୍ଟି ଯୋଗୁ ରାଜ୍ୟରେ ୫ବର୍ଷରୁ କମ୍ ବୟସ୍କ ଶିଶୁମାନଙ୍କ ମଧ୍ୟରୁ ଶତକଡା ୩୪.୦୧ଙ୍କର ଉଚ୍ଚତା କମ ରହୁଛି, ସେହି ବୟସ ଗୋଷ୍ଠୀର ଶତକଡା ୨୯.୭ ଭାଗ ଶିଶୁଙ୍କର ଦେହର ଓଜନ ସ୍ୱାଭାବିକ ଓଜନଠାରୁ କମ୍। ପୁଣି ଏହି ବୟସ ଗୋଷ୍ଠୀର ଶତକଡା ୧୦ଭାଗ ଶିଶୁ ବିଭିନ୍ନ ଧରଣର ରୋଗର ଶୀକାର ହେବାଫଳରେ ଦୈହିକ ଭାବରେ ବିକଶିତ ହୋଇପାରନ୍ତି ନାହିଁ। ଏହି ପରିସଂଖ୍ୟାନରୁ ହିଁ ରାଜ୍ୟର ଜନସାଧାରଣଙ୍କ ସାଧାରଣ ସ୍ୱାସ୍ଥ୍ୟ ଅବସ୍ଥା ସଂପର୍କରେ ଧାରଣା କରିହେବ। କହିବା ବାହୁଲ୍ୟ ସରକାରଙ୍କ ଦ୍ୱାରା ଜାରୀ କରାଯାଇଥିବା ଏହି ପରିସଂଖ୍ୟାନ ଅତ୍ୟନ୍ତ ଭୟାବହ। ମାତ୍ର ଅମୃତକାଳ, ବିକଶିତ ଭାରତ ଭଳି ସ୍ଲୋଗାନ ଦେଉଥିବା ସରକାରମାନେ ଏହି ସତ୍ୟକୁ ଲୁଚାଇ ଦେବାକୁ ସଦା ସର୍ବଦା ଚେଷ୍ଟିତ।

ବର୍ତ୍ତମାନ ଦେଖାଯାଉ ରାଜ୍ୟର ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାପାଇଁ କି ଧରଣର ସରକାରୀ ବ୍ୟବସ୍ଥା ରହିଛି। ରାଜ୍ୟରେ ମୋଟ, ୧,୩୭୫ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୩୭୪ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୩୦ଟି ଜିଲ୍ଲା ମୁଖ୍ୟାଳୟରେ ଅବସ୍ଥିତ ଚିକିତ୍ସାକେନ୍ଦ୍ର ବ୍ୟତୀତ ସରକାରୀ ଓ ଘରୋଇ ମିଶି ୧୩ଟି ମେଡିକାଲ କଲେଜ ରହିଛି। ସରକାରୀ ମେଡିକାଲ କଲେଜ ମାନଙ୍କରେ, ମଞ୍ଜୁରୀପ୍ରାପ୍ତ ଡାକ୍ତର ସଂଖ୍ୟା ପ୍ରାୟ ୧୭୦୦ ହୋଇଥିଲାବେଳେ ମେଡିକାଲ କଲେଜ ବ୍ୟତୀତ ପେରିଫେରି କ୍ୟାଡରରେ ମଞ୍ଜୁରୀପ୍ରାପ୍ତ ଡାକ୍ତରଙ୍କ ସଂଖ୍ୟା ୧୫,୭୭୪। ସୂଚନାଯୋଗ୍ୟ ପ୍ରାୟ ୩୦ବର୍ଷ ପୂର୍ବର ଜନସଂଖ୍ୟା ଆଧାରରେ ଏହି ଡାକ୍ତର ସଂଖ୍ୟା ସ୍ଥିର କରାଯାଇଥିଲା। ଏହାସତ୍ତ୍ୱେ ମଧ ସରକାରୀ ହିସାବ ଅନୁଯାୟୀ ରାଜ୍ୟର ମେଡିକାଲ କଲେଜ ମାନଙ୍କରେ ଶତକଡା ୬୦ଭାଗ ଡାକ୍ତର ପଦ ଖାଲି ପଡିଥିଲାବେଳେ ପେରିଫେରି କ୍ୟାଡରରେ ଶତକଡା ୪୮ଭାଗ ଅନ୍ୟ ଡାକ୍ତର ପଦବୀ ଖାଲି ପଡିଛି। ସେହିଭଳି ୨୮,୨୮୫ ମଞ୍ଜୁରୀପ୍ରାପ୍ତ ନର୍ସିଂ ଅଫିସର ପଦବୀ ମଧ୍ୟରୁ ପ୍ରାୟ ୧୨ହଜାର ପଦବୀ ଖାଲି ପଡିଛି। ଏହାବାଦ ମଞ୍ଜୁରୀପ୍ରାପ୍ତ ଲାବୋରାଟୋରୀ ଟେକ୍‌ନିସିଆନ, ଫାର୍ମାସିଷ୍ଟ, ରେଡିଓଗ୍ରାଫର ପଦବୀ ମଧ୍ୟରୁ ଅର୍ଦ୍ଧାଧିକ ଖାଲି ପଡିଛି। ସୂଚନାଯୋଗ୍ୟ ଏହିସବୁ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ମଞ୍ଜୁର ହୋଇଥିବା ପଦବୀ ସଂଖ୍ୟା ଆବଶ୍ୟକତାଠାରୁ ଯଥେଷ୍ଟ କମ୍। ରାଜ୍ୟର ସ୍ୱାସ୍ଥ୍ୟବିଭାଗ ଅଧିନରେ ଥିବା ସମସ୍ତ ଗ୍ରୁପ-ଡି ବା ଚତୁର୍ଥ ଶ୍ରେଣୀ ପଦବୀକୁ ଆଉଟ୍‌ସୋର୍ସିଂ କରିଦିଆଯାଇଥିବାରୁ ଏହି ପଦବୀରେ କେତେ ଲୋକ କାମ କରୁଛନ୍ତି ତାହା ହିସାବ କରିବା ସମ୍ଭବ ନୁହେଁ। ପୁଣି ମେଡିକାଲ କଲେଜ ଓ ପେରିଫେରି କ୍ୟାଡରରେ ବର୍ତ୍ତମାନ କାମ କରୁଥିବା ଡାକ୍ତର, ନର୍ସ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ମଧ୍ୟରୁ କେତେ ସ୍ଥାୟୀ, କେତେ ଠିକା ଓ ସାମୟିକ ତା'ର ମଧ କୌଣସି ସରକାରୀ ତଥ୍ୟ ସର୍ବସାଧାରଣରେ ଉପଲବ୍ଧ ନାହିଁ। ଉପର ପରିସଂଖ୍ୟାନରୁ ହିଁ ଯେକେହି ରାଜ୍ୟରେ ସ୍ୱାସ୍ଥ୍ୟସେବାର ଦୟନୀୟ ଅବସ୍ଥା ସଂପର୍କରେ ଧାରଣା କରିପାରିବେ।

ସରକାରୀ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ କରିବା ଏବଂ ଆବଶ୍ୟକ ସଂଖ୍ୟକ ଡାକ୍ତର, ନର୍ସ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମଚାରୀ ନିଯୁକ୍ତ କରିବା, ବିନାମୂଲ୍ୟରେ ରୋଗୀମାନଙ୍କୁ ସମସ୍ତ ପ୍ରକାର ଔଷଧ ଯୋଗାଇବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷର ବଜେଟରେ ଶତକଡା ୧.୭୯ ଭାଗ ସ୍ୱାସ୍ଥ୍ୟସେବା ପାଇଁ ବ୍ୟୟ ଅଟକଳ କରିଥିବାବେଳେ ରାଜ୍ୟ ସରକାର ଏଥିପାଇଁ ବଜେଟ୍‌ର ଶତକଡା ୮ଭାଗ ଖର୍ଚ୍ଚ କରିବେ। ଉଲ୍ଲେଖ କରିବା ବାହୁଲ୍ୟ, ଏହି ଅର୍ଥରେ ଆବଶ୍ୟକ ସ୍ୱାସ୍ଥ୍ୟ ଭିତ୍ତିଭୂମି ନିର୍ମାଣ ଓ ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟସେବା ସହିତ ଯୁକ୍ତ ଅନ୍ୟ କର୍ମଚାରୀ ମାନଙ୍କର ସ୍ଥାୟୀ ନିଯୁକ୍ତି ଅସମ୍ଭବ। ମାତ୍ର ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱାସ୍ଥ୍ୟ ବେଜେଟ୍ ବୃଦ୍ଧି କରିବା ପରିବର୍ତ୍ତେ ହ୍ରାସ କରିଚାଲିଛନ୍ତି। ଅନ୍ୟପଟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିପ୍ଲବ ଆସିଛି ବୋଲି ଦାବି କରୁଛନ୍ତି।

ଅନ୍ୟଦିଗରେ ବୀମା ଭିତ୍ତିକ ସ୍ୱାସ୍ଥ୍ୟକାର୍ଡ ପ୍ରଚଳନ କରି ସିଧାସଳଖ ଘରୋଇ ହାସପାତାଳଗୁଡିକୁ ମୁନାଫା ଲୁଟ୍ କରିବାର ସୁଯୋଗ ଦିଆଯାଉଛି ଏବଂ ସରକାରୀ ହାସପାତାଳ ଗୁଡିକୁ ସମୟକ୍ରମେ ବନ୍ଦ କରିଦେବା ପାଇଁ ଦୀର୍ଘ ମିଆଦି ଯୋଜନା ଗ୍ରହଣ କରାଯାଉଛି। ଏହି ବ୍ୟବସ୍ଥାରେ ରୋଗୀ ଘରୋଇ ହାସପାତାଳରେ ଭର୍ତ୍ତି ହୋଇ ଚିକିତ୍ସିତ ହେବା ଖର୍ଚ୍ଚ ସରକାର କିମ୍ବା ବୀମା କମ୍ପାନୀ ବହନ କରୁଛନ୍ତି। ମାତ୍ର ହାସପାତାଳରୁ ଡିସ୍‌ଚାର୍ଯ ହେଲାପରେ ରୋଗୀ ବ୍ୟବହାର କରୁଥିବା ଔଷଧ ଖର୍ଚ୍ଚ ନିଜ ପକେଟରୁ ଦେବାକୁ ହେଉଛି। କେବଳ ଓଡିଶା ନୁହେଁ, ସମଗ୍ର ଦେଶରେ ବିଜେପି ସମେତ ଅନ୍ୟାନ୍ୟ ଦଳ ଶାସିତ ରାଜ୍ୟ ମାନଙ୍କରେ ମଧ ସ୍ୱାସ୍ଥ୍ୟସେବାର ଏହି ମଡେଲ ହିଁ କାର୍ଯ୍ୟକାରୀ କରାଯାଉଛି। ଏହାକୁ ହିଁ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭକରି ବିଭିନ୍ନ ଦଳର ସରକାରମାନେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିପ୍ଳବ ବୋଲି ଦାବି କରିଛନ୍ତି। କେଉଁ ସରକାରର ସ୍ୱାସ୍ଥ୍ୟ କାର୍ଡ କେତେ ଭଲ ସେ ସଂପର୍କରେ ବାଦାନୁବାଦ ଚାଲିଛି। ରାଜ୍ୟରେ ବିଜେଡି ଦଳର ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରେସନ କାର୍ଡଧାରୀ ମାନଙ୍କୁ ସ୍ୱାସ୍ଥ୍ୟ କାର୍ଡ ଯୋଗାଇଥିଲା। ସଂପ୍ରତି ରାଜ୍ୟ ବିଜେପି ସରକାର ଏହାକୁ ଗୋପବନ୍ଧୁ ସ୍ୱାସ୍ଥ୍ୟ କାର୍ଡ ଭାବରେ ନାମିତ କରିଛି ଏବଂ କେନ୍ଦ୍ର ସରକାରଙ୍କର ପ୍ରଧାନମନ୍ତ୍ରୀ ଆୟୁଷମାନ ସ୍ୱାସ୍ଥ୍ୟ କାର୍ଡ ପ୍ରଚଳନ କରିଛି। ପ୍ରଧାନମନ୍ତ୍ରୀ ଆୟୁଷମାନ କାର୍ଡ ପ୍ରଚଳନ ଫଳରେ ସାଧାରଣ ରୋଗୀ ହଇରାଣ ହରକତ ହେଉଛନ୍ତି ବୋଲି ଗୁରୁତର ଅଭିଯୋଗ ହେଉଛି। ତେବେ ସରକାରଙ୍କର ସମସ୍ତ ଦାବି ସତ୍ତ୍ୱେ ଆଜି ବି ଓଡିଶାରେ ନିଜ ପକେଟରୁ ଟଙ୍କା ଖର୍ଚ୍ଚ କରି ଚିକିତ୍ସା ହେଉଥିବା ଲୋକଙ୍କ ସଂଖ୍ୟା ପ୍ରାୟ ଶତକଡା ୩୮ଭାଗ ହୋଇଥିଲାବେଳେ ସର୍ବଭାରତୀୟ ସ୍ତରରେ ଏହା ଶତକଡା ୪୦ଭାଗ।

### ବସ୍ତିବାସିନ୍ଦା ଭୂମି ଅଧିକାରରୁ ବଂଚିତ

କାମର ସନ୍ଧାନରେ ଦରିଦ୍ର ଭୂମିହୀନ ଜନସାଧାରଣ, ଋଣଗ୍ରସ୍ତ ଭାଗ ଚାଷୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀ ଓ ଗ୍ରାମାଂଚଳର ସ୍ୱଳ୍ପ ଶିକ୍ଷିତ ଯୁବକ ଯୁବତୀମାନଙ୍କର ବ୍ୟାପକ ସଂଖ୍ୟାରେ ସହରକୁ ପଳାୟନ ଫଳରେ ସହରାଂଚଳରେ ବସ୍ତି ଗଢିଉଠିଛି। ସହରମାନଙ୍କରେ ଛୋଟ ମୋଟ କାମକରି ପେଟ ପୋଷୁଥିବା ଲକ୍ଷ ଲକ୍ଷ ଲୋକ ଏହି ବସ୍ତିରେ ମୁଣ୍ଡ ଗୁଞ୍ଜନ୍ତି। ରାଜ୍ୟ ସରକାରଙ୍କର ହିସାବ ଅନୁଯାୟୀ ରାଜ୍ୟର ବଡ ବଡ ସହର ମାନଙ୍କରେ ପ୍ରାୟ ୧୫ଲକ୍ଷ ୬୦ହଜାର ଲୋକ ବସ୍ତିରେ ବାସ କରନ୍ତି। ଏହି ବସ୍ତି ମାନଙ୍କରେ ମଣିଷ ଭଳି ବଂଚିବାର ସର୍ବନିମ୍ନ ଆବଶ୍ୟକତାରୁ ବଂଚିତ ବସ୍ତିବାସିନ୍ଦାମାନେ ସମାଜର ସବୁଠାରୁ ଉପେକ୍ଷିତ ଓ ଦରିଦ୍ର ଜନସମୁଦାୟ। ପୁଣି ଏହି ବସ୍ତିବାସିନ୍ଦାମାନେ ସଦାସର୍ବଦା ଉଚ୍ଛେଦର ଭୟ ମଧ୍ୟରେ କାଳାତିପାତ କରନ୍ତି। ସମ୍ମାନଜନକ ଭାବରେ ବଂଚିବାର ଅଧିକାର ଓ ଉପଯୁକ୍ତ ଥଇଥାନ ଦାବିରେ ବସ୍ତିବାସିନ୍ଦା ମାନଙ୍କର ଦୀର୍ଘ ବର୍ଷର ଆନ୍ଦୋଳନ ଫଳରେ କର୍ମସ୍ଥଳରେ ବସ୍ତିବାସିନ୍ଦା ମାନଙ୍କୁ ଥଇଥାନ କରିବା ପାଇଁ ଏକ ଆଇନ ପ୍ରଣୟନ କରିବାକୁ ପୂର୍ବର ବିଜେଡି ସରକାର ବାଧ ହୋଇଥିଲା। ଲଗାତର ଆନ୍ଦୋଳନ ଚାପରେ ବିଜେଡି ସରକାର କିଛି କିଛି ବସ୍ତି ବାସିନ୍ଦାମାନଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ଦେବା ସହିତ 'ଜାଗା ମିଶନ'ରେ ସହରାଂଚଳର ବସ୍ତିବାସିନ୍ଦା ଏବଂ ଭୂମିହୀନ ମାନଙ୍କୁ ଘର ଡିହ ଯୋଗାଇଦେବା ପାଇଁ ପ୍ରତିଶୃତି ଦେଇଥିଲା। ମାତ୍ର ୨୦୨୪ ନିର୍ବାଚନରେ ରାଜ୍ୟରେ ବିଜେପି ସରକାର ପ୍ରତିଷ୍ଠିତ ହେବାପରେ ସରକାର ଜାଗା

ଅବଶିଷ୍ଟାଂଶ ୭ମ ପୃଷ୍ଠାରେ

## ବିଜେପି ନେତୃତ୍ୱରେ ...

(୬ଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ)

ମିଶନ ପ୍ରକଳ୍ପକୁ ବନ୍ଦ କରିବା ସଙ୍ଗେ ସଙ୍ଗେ ଭୂମି ଅଧିକାର ପ୍ରମାଣ ପତ୍ର ପ୍ରଦାନ ମଧ୍ୟ ବନ୍ଦ କରି ବସ୍ତିବାସିନ୍ଦା ମାନଙ୍କ ପ୍ରତି ଚରମ ବିଶ୍ୱାସଘାତକତା କରିଛି। ଏହାଫଳରେ ଲକ୍ଷ ଲକ୍ଷ ବସ୍ତିବାସିନ୍ଦାଙ୍କୁ ଚରମ ଦୁରାବସ୍ଥା ଓ ଅନିଶ୍ଚିତତା ମଧ୍ୟକୁ ଠେଲି ଦିଆଯାଇଛି।

### ରାଜ୍ୟ ବିଜେପି ସରକାର କୌଣସି ନିର୍ବାଚନ ପ୍ରତିଶୃତି ପୂରଣ କରିନାହିଁ

ରାଜ୍ୟର ସାଧାରଣଲୋକ ଏହିଭଳି ଦୟନୀୟ ସ୍ଥିତିରେ ରହିଥିଲାବେଳେ ସମାଜର ପ୍ରତ୍ୟେକ ବର୍ଗଙ୍କୁ ଲୋଭନୀୟ ପ୍ରତିଶୃତି ଦେଇ, ଓଡିଆ ଅସ୍ମିତା ରକ୍ଷା ସ୍ଲୋଗାନର ଆଢୁଆଳରେ ଉଗ୍ର ଆଂଚଳିକତାବାଦ ସୃଷ୍ଟିକରି ଓ ଜଗନ୍ନାଥଙ୍କୁ କେନ୍ଦ୍ରକରି ରହିଥିବା ଧର୍ମୀୟ ଆବେଗକୁ କାମରେ ଲଗାଇ ୨୦୨୪ ନିର୍ବାଚନରେ ବିଜେପି ଏକକ ଶକ୍ତିରେ ଜୟଲାଭ କରିଛି। କ୍ଷମତାସୀନ ହେବାର ୪୮ ଘଣ୍ଟା ମଧ୍ୟରେ ରାଜ୍ୟର ଲକ୍ଷାଧିକ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରାଇବା, ମଣ୍ଡିରେ ଚାଲିଥିବା କଟନି ଛଟନି ସଂପୂର୍ଣ୍ଣ ବନ୍ଦ କରିବା, ୨ବର୍ଷ ମଧ୍ୟରେ ୬୫ ହଜାର ଓ ଏହାପରେ ଖାଲିପଡିଥିବା ସମସ୍ତ ଦେଢଲକ୍ଷ ସରକାରୀ ପଦବୀ ପୂରଣ କରିବା, ପ୍ରତ୍ୟେକ ମଜଦୂରଜୀବୀଙ୍କୁ ବର୍ଷକୁ ୧୦ହଜାର ଟଙ୍କା ସହାୟତା ଦେବା, ମାସକୁ ୩୦୦ୟୁନିଟ୍ ବିଜୁଳି ଶୁଳ୍କ ଛାଡ କରିବା, କେନ୍ଦୁପତ୍ର ତୋଳାଳି ମାନଙ୍କ ସମସ୍ୟା ଦୂର କରିବା, ବାର୍ଦ୍ଧକ୍ୟ ଭତ୍ତା ମାସକୁ ୩ହଜାର ଟଙ୍କା କରିବା, ଅସଂଗଠିତ କ୍ଷେତ୍ରରେ କାମ କରୁଥିବା ପ୍ରତ୍ୟେକ ଶ୍ରମିକଙ୍କୁ ବିନା ପ୍ରିମିୟମରେ ୫ଲକ୍ଷ ଟଙ୍କା ବୀମା ବ୍ୟବସ୍ଥା କରିବା, ସ୍କୁଲରୁ ଆରମ୍ଭକରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସମାନ କାମକୁ ସମାନ ଦରମା ବ୍ୟବସ୍ଥା ଲାଗୁକରିବା, କ୍ଷମତାକୁ ଆସିବାର ୬ମାସ ମଧ୍ୟରେ ବନ୍ଦ ହୋଇଥିବା ୮୦୦୦ ବିଦ୍ୟାଳୟ ପୁନର୍ବାର ଖୋଲିବା, ୩ହଜାର ନୂତନ ଡାକ୍ତର ପଦବୀ ସୃଷ୍ଟି କରିବା, ପ୍ରତି ଜିଲ୍ଲାରେ ମେଡିକାଲ କଲେଜ, ସୁପରସ୍ପେସାଲିଟି ହାସପାତାଳ ଖୋଲିବା, ଆଦିବାସୀ ଅଧ୍ୟୁଷିତ ଅଂଚଳରେ ପେସା ଆଇନ ଲାଗୁକରିବା, ହାତୀ ଆକ୍ରମଣରେ ନିହତଙ୍କ ପାଇଁ କ୍ଷତିପୂରଣକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ହାତୀ ଫସଲହାନୀ କଲେ ବିନା ପ୍ରିମିୟମରେ ଶତକଡା ୧୦୦ କ୍ଷତିପୂରଣ ଦେବା, ବସ୍ତି ପୁନର୍ବାସ ଓ ପରିଚାଳନା ନୀତି କାର୍ଯ୍ୟକାରୀକରି ବସ୍ତିବାସିନ୍ଦାଙ୍କ ପାଇଁ ଉପଯୁକ୍ତ ଜୀବନ ଧାରଣ ନିଶ୍ଚିତ କରିବା ସହିତ ସମଗ୍ର ରାଜ୍ୟରେ ଗ୍ରାମ ସଭା ଓ ପଲ୍ଲୀ ସଭା ଗୁଡିକର ନିୟମିତ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ସମେତ ଆହୁରି ଅନେକ ପ୍ରତିଶୃତି ବିଜେପି ଦଳ ରାଜ୍ୟର ଜନସାଧାରଣଙ୍କୁ ପ୍ରଦାନ କରିଥିଲା। ଏହାବ୍ୟତୀତ ଓଡିଶା ଅସ୍ମିତାର ସୁରକ୍ଷା ବିଜେଡି ସରକାର ସମୟରେ ଜଗନ୍ନାଥଙ୍କ ରତ୍ନଭଣ୍ଡାରରୁ ତାମିଲନାଡୁ ଚାଲାଣ ହୋଇଥିବା ରତ୍ନ ଫେରାଇ ଆଣିବା, ରତ୍ନଭଣ୍ଡାରର ଗହଣାଗାଣ୍ଠିର ଗଣତି ମଣତି କରି ଏହାର ରିପୋର୍ଟ ସାର୍ବଜନୀନ କରିବାପାଇଁ ମଧ୍ୟ ବିଜେପି ପ୍ରତିଶୃତି ଦେଇଥିଲା।

ଇତିମଧ୍ୟରେ ରାଜ୍ୟ ବିଜେପି ସରକାର କ୍ଷମତାରେ ୧୫ମାସ ପୂରଣ କରିସାରିଛି। ମାତ୍ର ସମାଜର ବିଭିନ୍ନ ବର୍ଗଙ୍କୁ ଦେଇଥିବା ମନଲୋଭା ପ୍ରତିଶୃତି ମଧ୍ୟରୁ କୌଣସି ଗୋଟିଏ ହେଲେ ପୂରଣ କରିନାହିଁ। ପୂରଣ କରିବା ତ ଦୂରର କଥା ସେ ବାବଦରେ କୌଣସି ପ୍ରୟାସ ମଧ୍ୟ ଆରମ୍ଭ ହେବାର ସୂଚନା ନାହିଁ। ଫଳରେ ରାଜ୍ୟର ସାଧାରଣଲୋକ ଯେ ପୁଣି ୫ବର୍ଷ ପାଇଁ ପ୍ରତାରଣାର ଶୀକାର ହେଲେ ତାହା ସ୍ପଷ୍ଟ ହୋଇଯାଇଛି।

### ଜନସାଧାରଣଙ୍କର ଦୁରାବସ୍ଥା ପାଇଁ କିଏ ଦାୟୀ ?

ରାଜ୍ୟର ସିଂହଭାଗ ଲୋକ ଏହି ଧରଣର ଦୟନୀୟ ଅବସ୍ଥାରେ କାଳାତିପାତ କରୁଥିଲାବେଳେ ସ୍ୱାଭାବିକ ଭାବରେ ମନରେ ପ୍ରଶ୍ନ ଉଠୁଛି ସମଗ୍ର ଦେଶ ତଥା ରାଜ୍ୟରେ ସୃଷ୍ଟି ହୋଇଥିବା ଏହି ଧରଣର ପରିସ୍ଥିତି ପାଇଁ ଦାୟୀ କିଏ ? କେଉଁ କାରଣରୁ ଦୀର୍ଘ ୭୮ ବର୍ଷ ଧରି ବିଭିନ୍ନ ଦଳ ନେତୃତ୍ୱରେ ଦେଶ ଓ ଆମ ରାଜ୍ୟରେ ଗୋଟିଏ ପରେ ଗୋଟିଏ ସରକାର ପରିବର୍ତ୍ତନ ହେଲେ ମଧ୍ୟ ଜନସାଧାରଣଙ୍କ ଦୁର୍ଦ୍ଦଶା ଦୂର ହେଉନାହିଁ ? ଏହାର ଉତ୍ତର ନିହିତ ରହିଛି ସ୍ୱାଧିନତା ଅର୍ଜନ ସହିତ ଭାରତରେ ପ୍ରତିଷ୍ଠିତ ହୋଇଥିବା ପୁଞ୍ଜିବାଦୀ ବ୍ୟବସ୍ଥା ମଧ୍ୟରେ। ପୁଞ୍ଜିବାଦର ସ୍ୱାଭାବିକ ନିୟମରେ ହିଁ ଏହି ବ୍ୟବସ୍ଥାରେ ମେହେନତୀ ଜନସାଧାରଣ ଅକଥନୀୟ ଅର୍ଥନୈତିକ ଶୋଷଣର ଶୀକାର ହେଉଛନ୍ତି। ଏହା ଫଳରେ ସିଂହଭାଗ ଜନସାଧାରଣଙ୍କ ଆର୍ଥିକ ଅବସ୍ଥାରେ ଦ୍ରୁତ ଅବନତି ଘଟୁଛି। ପୁଣି ପୁଞ୍ଜିବାଦର ଅମୋଘ ନିୟମରେ ହିଁ ମୁଷ୍ଟିମେୟ ଧନକୁବେରଙ୍କ ଧନର ପାହାଡ ଦ୍ରୁତ ସ୍ଫିତ ହେଉଛି। ପୁଞ୍ଜିବାଦୀ ବ୍ୟବସ୍ଥା ଯେତେ ମରଣମୁଖୀ ହେଉଛି, ପୁଞ୍ଜିବାଦର ଲୁଣ୍ଠନ ସେତେ ତୀବ୍ର ହେଉଛି।

ଆମ ଦେଶର ବହୁ ପ୍ରଚାରିତ ସମାଜବାଦୀ ସଂବିଧାନ କିମ୍ୱା ସାବାଳକ ଭୋଟ ଜରିଆରେ ସରକାର ପରିବର୍ତ୍ତନ ପୁଞ୍ଜିବାଦୀ ଶୋଷଣ ଲୁଣ୍ଠନର ଏହି ନିବରଛିନ୍ନ ପ୍ରକ୍ରିୟାକୁ ଅଟକାଇ ପାରି ନାହିଁ କିମ୍ୱା ସ୍ତିମିତ କରିପାରିନାହିଁ। ବରଂ ସମୟର ଗତି ପଥରେ ପୁଞ୍ଜିବାଦୀ ଶୋଷଣ ଲୁଣ୍ଠନ ଅତ୍ୟନ୍ତ ଅମାନବୀୟ ଚରିତ୍ର ଓ ବିକଟ ରୂପ ଧାରଣକରିଛି। ପଣ୍ଡିତ ନେହେରୁଙ୍କର ସମାଜବାଦୀ ଢାଂଚାର ସମାଜ ଓ ମିଶ୍ର ଅର୍ଥନୀତି ବା ଇନ୍ଦିରା ଗାନ୍ଧିଙ୍କର ବହୁ ପ୍ରଚାରିତ ତଥାକଥିତ ବ୍ୟାଙ୍କ ବୀମାର ସରକାରୀ କରଣ, ରାଜା ମାହାରାଜା ମାନଙ୍କ ହାତ ପାଣ୍ଠି ଉଚ୍ଛେଦ ଓ ଏକଚାଟିଆ ପୁଞ୍ଜି ଗଢି ଉଠିବା ପ୍ରକ୍ରିୟାକୁ ରୋକିବାର ଘୋଷିତ ଲକ୍ଷ୍ୟରେ ପ୍ରଣୀତ ଓ ଏମ୍‌ଆରଟିପି(Monopolies and Restrictive Trade Practice Act-1969) ଆଇନ କେହିହେଲେ ପୁଞ୍ଜିର ଶୋଷଣକୁ ରୋକି ପାରିନାହିଁ। ବରଂ ଏହି ସବୁ ତଥାକଥିତ ସମାଜବାଦୀ ଓ ପ୍ରଗତୀଶୀଳ ନୀତି ଭାରତୀୟ ଏକଚାଟିଆ ପୁଞ୍ଜିପତି ମାନଙ୍କ ପୁଞ୍ଜିକୁ ସମାଜବାଦର ସ୍ଲୋଗାନ୍ ଆଢୁଆଳରେ ସଂହତ କରିଛି। ପୁଣି ୧୯୯୧ ମସିହାରେ ଜଗତିକରଣ ନୀତି ଲାଗୁ ହେବାପରେ ପୁଞ୍ଜିବାଦୀ ଶୋଷଣ ଆହୁରି ତୀବ୍ର ହୋଇଛି। ୨୦୧୪ ମସିହାରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି କେନ୍ଦ୍ରରେ କ୍ଷମତାସୀନ ହେବାପରେ ଏହି ଶୋଷଣ ଲୁଣ୍ଠନ ଲଗାମଛଡା ହୋଇଛି। ପୁଞ୍ଜିବାଦୀ ବ୍ୟବସ୍ଥାରେ ବହୁ ପ୍ରଚାରିତ ମୁକ୍ତ ଓ ନିରପେକ୍ଷ ଭୋଟ ଜରିଆରେ ଗଠିତ ସରକାର ଯେ ଧନକୁବେର ମାନଙ୍କ ହାତରେ କ୍ରୀଡନକ ଏବଂ ଦେଶର ଜନସାଧାରଣଙ୍କ ସ୍ୱାର୍ଥ ସହିତ ଯେ ଏହି ସରକାର ମାନଙ୍କର କୌଣସି ସଂପର୍କ ନାହିଁ ତାହା ଦିବାଲୋକ ଭଳି ସ୍ପଷ୍ଟ ହୋଇଛି।

ସ୍ୱାଧିନତା ପରଠାରୁ ହିଁ ନିର୍ବାଚନ ଜାଲିଆତି ସଂପର୍କିତ ଅଭିଯୋଗ ହୋଇଆସୁଛି। ଅତୀତରେ ପ୍ରଶାସନିକ କଳ, ଅର୍ଥବଳ ଓ ବାହୁବଳର ବ୍ୟବହାର କରି ନିର୍ବାଚନର ଫଳାଫଳକୁ ପ୍ରଭାବିତ କରାଯିବା କଥା ଜଣାଥିଲା। ମାତ୍ର ସଂପ୍ରତି ବିଜେପି ସରକାର ନିର୍ବାଚନ କମିଶନକୁ ବ୍ୟବହାରକରି, ପରିକଳ୍ପିତ ଭାବରେ ଭୋଟର ତାଲିକାରେ ବ୍ୟାପକ ହେରଫେର କରି ଓ ଇଭିଏମ୍ ଜାଲିଆତିକରି କେନ୍ଦ୍ର ଓ ବହୁ ରାଜ୍ୟର ନିର୍ବାଚନକୁ ନିର୍ଣ୍ଣାୟକ ଭାବରେ ପ୍ରଭାବିତ କରିବା ସଂପର୍କରେ ଆପାତଃ ବିଶ୍ୱାସଯୋଗ୍ୟ ଅଭିଯୋଗ ଉଠିଛି। ଫଳରେ ଦେଶର ନିର୍ବାଚନ ବ୍ୟବସ୍ଥା ସଂପର୍କରେ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପୁଞ୍ଜିବାଦ ଜନସାଧାରଣଙ୍କୁ କେବଳ ଆର୍ଥିକ ଭାବରେ ଶୋଷଣ କରୁନାହିଁ, ଜନସାଧାରଣଙ୍କ ରୁଚି, ସଂସ୍କୃତିକୁ ମଧ୍ୟ ଧ୍ୱଂସ କରୁଛି। ଇତିହାସରୁ ଶିକ୍ଷାନେଇ ଶାସକ ଏକଚାଟିଆ ପୁଞ୍ଜିପତି ଶ୍ରେଣୀ ଦେଶର ଶୋଷିତ ମେହେନତୀ ଜନସାଧାରଣଙ୍କର ସମ୍ଭାବ୍ୟ ମିଳିତ ପ୍ରତିରୋଧ ଆନ୍ଦୋଳନକୁ ଅଙ୍କୁରରେ ବିନାଶ କରିବାପାଇଁ ଅନବରତ ଉଦ୍ୟମ କରୁଛି। ଏହି ଉଦ୍ଦେଶ୍ୟରେ ଜନସାଧାରଣ, ବିଶେଷକରି ଯୁବକ ମାନଙ୍କ ନୈତିକ ମେରୁଦଣ୍ଡ ଉପରେ ଯୋଜନାବଦ୍ଧ ଆକ୍ରମଣ ଚାଲିଛି।

ଅନ୍ୟଦିଗରେ ଜାତି, ଧର୍ମ, ଅଂଚଳ, ଭାଷା ଓ ସଂପ୍ରଦାୟକୁ ଭିତ୍ତିକରି ଶାସକ ପୁଞ୍ଜିପତି ଶ୍ରେଣୀର ସେବାଦାସ ସରକାରମାନେ ପରିକଳ୍ପିତ ଭାବରେ ଜନସାଧାରଣଙ୍କ ଐକ୍ୟକୁ ଧ୍ୱଂସ କରିବାକୁ ଉଦ୍ୟମ କରୁଛନ୍ତି। ମେହେନତୀ ଜନସାଧାରଣଙ୍କ ମଧ୍ୟରେ ଭାତୃଘାତୀ ସଂଘର୍ଷ ସୃଷ୍ଟି କରାଯାଉଛି। ନିର୍ମମ ପୁଞ୍ଜିବାଦୀ ଶୋଷଣ, ଅତ୍ୟାଚାରରେ ଅତିଷ୍ଠ ଶୋଷିତ ଜନସାଧାରଣଙ୍କ ଐକ୍ୟକୁ ଧ୍ୱଂସ କରାଯାଉଛି। ଏହିଭଳି ଭାବରେ ପୁଞ୍ଜିବାଦୀ ଶୋଷଣ ଲୁଣ୍ଠନ ପ୍ରକ୍ରିୟାକୁ ଦୀର୍ଘାୟିତ କରିବାପାଇଁ ଉଦ୍ୟମ ଚାଲିଛି। ଦୀର୍ଘ ବହୁ ଦଶଂଧି ଧରି କଂଗ୍ରେସ ଦଳ କ୍ଷମତାରେ ରହି ଏହା କରିଛି। ବର୍ତ୍ତମାନର ଉଭୟ କେନ୍ଦ୍ର ଓ ରାଜ୍ୟରେ କ୍ଷମତାସୀନ ବିଜେପି ଦଳ ହିନ୍ଦୁ ଭୋଟବ୍ୟାଙ୍କ ସୃଷ୍ଟି କରିବାପାଇଁ ଅତ୍ୟନ୍ତ ନଗ୍ନ ଓ ଉଗ୍ର ସାଂପ୍ରଦାୟିକ ରାଜନୀତି ଚଳାଇଛି। ଉଗ୍ର ଦେଶପ୍ରେମ, ଅନ୍ଧ ଜାତୀୟତାବାଦର ପ୍ରଚାର ଓ ଉଗ୍ର ସାଂପ୍ରଦାୟିକ ରାଜନୀତି ବର୍ତ୍ତମାନ ଦେଶରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଛି।

ସମସ୍ତ ରାଜନୈତିକ କ୍ଷମତା ପୁଞ୍ଜିବାଦୀ ରାଷ୍ଟ୍ର ହାତରେ କେନ୍ଦ୍ରୀକୃତ ହୋଇଛି। ବିଜ୍ଞାନର କାରିଗରି ଦିଗ ସହିତ ଆଧ୍ୟାତ୍ମବାଦର ମିଶ୍ରଣ ଘଟାଇ ଦେଶର ଶାସକ ଏକଚାଟିଆ ପୁଞ୍ଜିପତି ଶ୍ରେଣୀର ସ୍ୱାର୍ଥରେ ଦ୍ରୁତ ସର୍ବାତ୍ମକ ଫାସିବାଦ ଗଢିତୋଳିବା ପାଇଁ ବିଜେପି-ଆରଏସ୍‌ଏସ୍ ପକ୍ଷରୁ ଉଦ୍ୟମ ଚାଲିଛି। ସରକାରଙ୍କୁ ବିରୋଧ କରୁଥିବା ଶକ୍ତି, ବ୍ୟକ୍ତି, ଦଳ, ଏପରିକି ସାମ୍ବାଦିକ ଓ ବୁଦ୍ଧିଜୀବୀ ମାନଙ୍କୁ ଫାସିବାଦୀ କାଇଦାରେ ଦମନ କରାଯାଉଛି। ବିରୋଧିମାନଙ୍କୁ ବିନାବିଚାରରେ ବର୍ଷ ବର୍ଷ ଜେଲରେ ଭର୍ତ୍ତି କରାଯାଉଛି। ସିବିଆଇ, ଇଡି ଓ ଆୟକର ବିଭାଗକୁ ହତିଆର ଭାବରେ ବ୍ୟବହାର କରି ବିରୋଧି ରାଜନୈତିକ ଦଳଗୁଡିକୁ ଭାଙ୍ଗି ଦିଆଯାଉଛି। ନିଜର ପ୍ରକୃତ ସମସ୍ୟାରୁ ସାଧାରଣଲୋକଙ୍କ ଦୃଷ୍ଟି ଅନ୍ୟତ୍ର ଅପସାରିତ କରିବାପାଇଁ ସାଂପ୍ରଦାୟିକ ଓ ଜାତିବାଦୀ ରାଜନୀତି ସହିତ ଭୋଟର ତାଲିକାର ବିଶେଷ ଓ ସଘନ ଯାଂଚ ବା ଏସ୍‌ଆଇଆର ଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବିହାର ପରେ ସମଗ୍ର ଦେଶରେ ଏହି ଏସ୍‌ଆଇଆର ପ୍ରକ୍ରିୟା ଆରମ୍ଭ କରିବାପାଇଁ ନିର୍ବାଚନ କମିଶନ ଘୋଷଣା କରିଛି। ଏହା ଓଡିଶା ସମେତ ସମଗ୍ର ଦେଶରେ କାର୍ଯ୍ୟକାରୀ ହେଲେ ସାଧାରଣ ଲୋକ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେବା ନିଶ୍ଚିତ।

ପରିସ୍ଥିତି ବାସ୍ତବରେ ହାହାକାରମୟ। ଏହିଭଳି ପରିସ୍ଥିତିରେ ଶାସକ ଶ୍ରେଣୀର ସମସ୍ତ ଷଡଯନ୍ତ୍ର ସତ୍ତ୍ୱେ ଶୋଷିତ, ଅତ୍ୟାଚାରିତ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଓ କ୍ରୋଧ ପୁଞ୍ଜିଭୂତ ହେଉଛି। ଜନସାଧାରଣଙ୍କ ପୁଞ୍ଜିଭୂତ କ୍ରୋଧ ଦେଶର ବିଭିନ୍ନ ସ୍ଥାନରେ ଆନ୍ଦୋଳନ ରୂପରେ ମୁଣ୍ଡଟେକି ଉଠୁଛି। ଦିଲ୍ଲୀ ସୀମାନ୍ତରେ ଐତିହାସିକ କୃଷକ ଆନ୍ଦୋଳନ, ଉଦ୍ଧତ କେନ୍ଦ୍ର ବିଜେପି ସରକାରକୁ ନତି ସ୍ୱୀକାର କରିବାପାଇଁ ବାଧ୍ୟ କରିଛି। ବିନା ନେତା ବିନା ସଂଗଠନରେ ଜଙ୍ଗଲର ନିଆଁ ଭଳି ଅଗ୍ନିପଥ ବିରୋଧି ଆନ୍ଦୋଳନ ଦେଶର ବ୍ୟାପକ ଅଂଚଳରେ କିଭଳି ବ୍ୟାପୀ ଯାଇଥିଲା ସେକଥା ଦେଶବାସୀ ପ୍ରତ୍ୟକ୍ଷ କରିଛନ୍ତି। ଏସବୁ ଦେଶର ଜନସାଧାରଣଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା କ୍ରୋଧର ତୀବ୍ରତାକୁ ହିଁ ଦର୍ଶାଉଛି।

ଏହି ପରିସ୍ଥିତିରେ ଦେଶର ବାମପନ୍ଥୀ ଦଳମାନଙ୍କ ପକ୍ଷରୁ ଜନସାଧାରଣଙ୍କ ଜ୍ୱଳନ୍ତ ଦାବି ଗୁଡିକ ସମର୍ଥନରେ ସର୍ବନିମ୍ନ ଗୃହୀତ କାର୍ଯ୍ୟସୂଚୀ

ଅବଶିଷ୍ଟାଂଶ ୮ମ ପୃଷ୍ଠାରେ

Regd.No-ORI ORI/2011/37220 • VOL. NO. 12, ISSUE NO. 16 • ମୂଲ୍ୟ-୫ଟଙ୍କା

## ବିଜେପି ନେତୃତ୍ୱରେ ...

(୭ମ ପୃଷ୍ଠାର ଅବଶିଷ୍ଟାଂଶ)

ଭିତ୍ତିରେ ଐକ୍ୟବଦ୍ଧ, ଦୀର୍ଘସ୍ଥାୟୀ, ଶକ୍ତିଶାଳୀ ଗଣଆନ୍ଦୋଳନ ଗଢିତୋଳିବାର ଐତିହାସିକ ଆବଶ୍ୟକତା ରହିଛି। ମାତ୍ର ସିପିଆଇ, ସିପିଆଇ(ଏମ୍), ସିପିଆ(ଏମ୍-ଏଲ୍) ଲିବରେସନ ଭଳି ଭୋଟ ସର୍ବସ୍ୱ ବାମପନ୍ଥୀ ଦଳମାନେ ଆନ୍ଦୋଳନର ରାସ୍ତା ପରିତ୍ୟାଗ କରି ସଂସଦ ଓ ବିଧାନସଭାରେ ମାମୁଲି କେତୋଟି ଆସନ ପାଇଁ କଂଗ୍ରେସ ସମେତ ଭିନ୍ନ ଭିନ୍ନ ରାଜ୍ୟରେ ବିଭିନ୍ନ ଆଂଚଳିକ ଦଳମାନଙ୍କ ଶରଣାପନ୍ନ ହୋଇଛନ୍ତି। ଜନସାଧାରଣ ଆନ୍ଦୋଳନମୁହାଁ, ଆନ୍ଦୋଳନ ଚାହୁଁଛନ୍ତି। ମାତ୍ର ମିଳିତ ଭାବରେ ଏହି ଆନ୍ଦୋଳନକୁ ନେତୃତ୍ୱ ଦେବା ପରିବର୍ତ୍ତେ ଏହି ବାମପନ୍ଥୀ ଦଳମାନେ ଠିକ୍ ବୁର୍ଜୁଆ ଦଳମାନଙ୍କ ଭଳି ସଂସଦ ଓ ବିଧାନସଭାରେ ଆସନ ହିସାବ କରୁଛନ୍ତି। ଏଠାରେ ଆମେ ସ୍ପଷ୍ଟ କରିଦେବାକୁ ଚାହୁଁ ଯେ, ଭାରତ ଭଳି ଗୋଟିଏ ପୁଞ୍ଜିବାଦୀ ରାଷ୍ଟ୍ରରେ କେବଳ ଗଣଆନ୍ଦୋଳନର ଶକ୍ତି ବଳରେହିଁ ଜନସାଧାରଣ ସେମାନଙ୍କର ନ୍ୟାୟ ସଂଗତ ଅଧିକାର ଅର୍ଜନ କରିପାରିବେ। ପୁଣି ଗଣଆନ୍ଦୋଳନର ଶକ୍ତି ବଳରେ ଅର୍ଜିତ ଅଧିକାରର ସୁରକ୍ଷା ଓ ସଂପ୍ରସାରଣ ପାଇଁ ମଧ୍ୟ ଲଗାତର ଶକ୍ତିଶାଳୀ ଗଣଆନ୍ଦୋଳନର ଆବଶ୍ୟକତା ରହିଛି। ପୁନଶ୍ଚ, ସଠିକ୍ ଆଦର୍ଶ ଓ ନେତୃତ୍ୱର ପରିଚାଳନାରେ ଗଢିଉଠୁଥିବା ଗଣଆନ୍ଦୋଳନର ଗର୍ଭରୁ ହିଁ ଜନସାଧାରଣଙ୍କର ବିକଳ୍ପ ରାଜନୈତିକ ହତିଆର ଗଢିଉଠିବ ଏବଂ ଏହାହିଁ ଶେଷ ପର୍ଯ୍ୟନ୍ତ ଶୋଷିତ ମଣିଷର ଶୋଷଣ ମୁକ୍ତିର ପଥ ପ୍ରଶସ୍ତ କରିବ। ଇତିହାସ ଏହାର ସାକ୍ଷୀ। ଯେକୌଣସି ଯୁକ୍ତିର ଆଢୁଆଳରେ ହେଲେ ମଧ୍ୟ ଗଣ ଅନ୍ଦୋଳନର ରାସ୍ତା ପରିହାର କରିବା ଅର୍ଥ ହେଉଛି ଜନସାଧାରଣଙ୍କୁ ଚିରକାଳ ଭୋଟ ରାଜନୀତି ଓ ଆଇନ ସର୍ବସ୍ୱତାର ଗଣ୍ଡି ମଧ୍ୟରେ ଅଟକାଇ ରଖି ପୁଞ୍ଜିବାଦୀ ଶୋଷଣକୁ ଦୀର୍ଘାୟିତ କରିବା।

ଏହିଭଳି ପରିସ୍ଥିତିରେ ଭାରତବର୍ଷର ଏକମାତ୍ର ସଂଗ୍ରାମୀ ବାମପନ୍ଥୀ ଦଳ ଭାବରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଦଳ ଏହାର ସମସ୍ତ ଶକ୍ତି ଦେଇ ଏକକ ଭାବରେ ଦେଶର ଜନସାଧାରଣଙ୍କ ଜ୍ୱଳନ୍ତ ସମସ୍ୟା ଉପରେ ଲଗାତର ଗଣଆନ୍ଦୋଳନ ପରିଚାଳନା କରୁଛି। ଏହି ଆନ୍ଦୋଳନର ଧାରାବାହିକତାରେ ଆଗାମୀ ନଭେମ୍ବର ୨୫ତାରିଖରେ ରାଜଧାନୀ ଭୁବନେଶ୍ୱରଠାରେ ଜନସାଧାରଣଙ୍କର ଜ୍ୱଳନ୍ତ ଦାବି ଉପରେ ବିଶାଳ ଗଣବିକ୍ଷୋଭର ଡାକରା ଦିଆଯାଇଛି। ଏହି ଗଣବିକ୍ଷୋଭରେ ହଜାର ହଜାର ସଂଖ୍ୟାରେ ଯୋଗଦେଇ ରାଜ୍ୟର ଜନସାଧାରଣଙ୍କର ପ୍ରତିବାଦ ଓ ପ୍ରତିରୋଧର ସ୍ୱରକୁ ଶାଣିତ କରିବାପାଇଁ ଆମେ ସମସ୍ତ ବର୍ଗର ଜନସାଧାରଣଙ୍କ ସମେତ ଅନ୍ୟାନ୍ୟ ବାମପନ୍ଥୀ ଦଳର ତୃଣମୂଳ ସ୍ତରର କର୍ମୀ, ସମର୍ଥକ ଓ ଦରଦୀମାନଙ୍କୁ ନିବେଦନ କରୁଛୁ।

### ଦାବି :-

- ଶିକ୍ଷାନୁଷ୍ଠାନ ଓ କର୍ମକ୍ଷେତ୍ର ସମେତ ସର୍ବତ୍ର କ୍ରମବର୍ଦ୍ଧମାନ ନାରୀ ନିର୍ଯ୍ୟାତନା, ଯୌନ ହିଂସା ଆଦି ଜଘନ୍ୟ ଅପରାଧ ସମ୍ପୂର୍ଣ୍ଣ ବନ୍ଦ କରିବା; ସୌମ୍ୟାଶ୍ରୀ, ବଳଙ୍ଗା ନାବାଳିକା ସମେତ ଅନ୍ୟାନ୍ୟ ଘଟଣାର ସମସ୍ତ ଅପରାଧୀଙ୍କୁ କଠୋର ଦଣ୍ଡ ବିଧାନ କରିବା; ନାରୀ ନିର୍ଯ୍ୟାତନାକାରୀଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତି ଦେବା।
- ମଦ ଡ୍ରଗ୍ସ ଆଦି ସମସ୍ତ ମାଦକଦ୍ରବ୍ୟର କାରବାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା; ମୋବାଇଲ୍ ଇଣ୍ଟରନେଟ୍ ସମେତ ସମସ୍ତ ଗଣ ମାଧ୍ୟମରେ ଅଶ୍ଳୀଳତା, ଯୌନ ବ୍ୟଭିଚାରିତା ଓ ଅପରାଧ ପ୍ରବଣତାର ପ୍ରଚାର ପ୍ରସାର ସମ୍ପୂର୍ଣ ବନ୍ଦ କରିବା।
- ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ଯା(SIR) ନାଁରେ NRCକୁ କାର୍ଯ୍ୟକାରୀ କରିବା ଷଡଯନ୍ତ୍ର ବନ୍ଦ କରିବା।
- ବନ୍ଦ କରାଯାଇଥିବା ସମସ୍ତ ସରକାରୀ ଓଡିଆ ମାଧ୍ୟମ ସ୍କୁଲଗୁଡ଼ିକୁ ତୁରନ୍ତ ଖୋଲିବା; ଖାଲି ପଡିଥିବା ଶିକ୍ଷକ-ଅଧ୍ୟାପକ-ଶିକ୍ଷାକର୍ମଚାରୀ ପଦବୀ ସ୍ଥାୟୀ ଭିତ୍ତିରେ ପୂରଣ କରିବା; ବ୍ୟାପକ ଫି ବୃଦ୍ଧି ବନ୍ଦ କରିବା ଓ ଶିକ୍ଷା କ୍ଷେତ୍ରରେ ଥିବା ସମସ୍ତ ଅବ୍ୟବସ୍ଥା ଦୂର କରିବା।
- ବିଭିନ୍ନ ସରକାରୀ ବିଭାଗରେ ଲକ୍ଷାଧିକ ସଂଖ୍ୟାରେ ଖାଲି ପଡିଥିବା ପଦବୀରେ ବେକାରୀଙ୍କୁ ସ୍ଥାୟୀ ଭିତ୍ତିରେ ନିଯୁକ୍ତି ଓ ନିଯୁକ୍ତି ନମିଳିବା ଯାଏଁ ବେକାରୀ ଭତ୍ତା ପ୍ରଦାନ ଏବଂ ମନରେଗା ଯୋଜନାରେ କାର୍ଯ୍ୟ ଦିବସ ହ୍ରାସ, ଦୁର୍ନୀତି, ଅନିୟମିତତା ବନ୍ଦ କରି ବର୍ଷକୁ ୩୬୫ ଦିନ କାମ ଯୋଗାଇ ଦେବା ଓ ଠିକ୍ ସମୟରେ ମଜୁରୀ ପ୍ରଦାନ କରିବା।
- ମନମୁଖୀ ବିଦ୍ୟୁତ୍ ବିଲ୍ ଆଦାୟ ଓ ସ୍ମାର୍ଟ ମିଟର ବସାଇବା ବନ୍ଦ ସହିତ ବିଦ୍ୟୁତ୍ କ୍ଷେତ୍ରରେ ସମସ୍ତ ଅବ୍ୟବସ୍ଥା ଦୂର କରିବା ଏବଂ ଜନବିରୋଧୀ ବିଦ୍ୟୁତ୍ ସଂଶୋଧନ ଆଇନ୍ ୨୦୨୩କୁ ତୁରନ୍ତ ରଦ୍ଦ କରିବା ।
- ରାଜ୍ୟର ବିଭିନ୍ନ ଜିଲ୍ଲାରେ ପୁଞ୍ଜିପତିମାନଙ୍କ ଲାଭ ସ୍ୱାର୍ଥରେ ଶିଳ୍ପ ପ୍ରତିଷ୍ଠା ନାଁ ରେ ଓ ଖଣି ଖନନ ପାଇଁ ଲୋକଙ୍କୁ ଚାଷ ଜମି ତଥା ଭିଟା ମାଟିରୁ ଉଚ୍ଛେଦ ବନ୍ଦ କରିବା ଏବଂ ସରକାରୀ ପତିତ ଜମିରେ ସରକାରୀ ଉଦ୍ୟୋଗରେ ଶ୍ରମ ଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରିବା ଓ ପ୍ରାକୃତିକ ପରିବେଶ ପ୍ରଦୂଷଣ ବନ୍ଦ କରିବା।
- ଭୂମିହୀନ, ଆଦିବାସୀ ଓ ଜଙ୍ଗଲ ଅଧିବାସୀମାନଙ୍କୁ ଘରବାଡି ତଥା ଚାଷ ଜମିର ସ୍ଥାୟୀ ପଟ୍ଟା ଯୋଗାଇ ଦେବା ସହିତ ଜଙ୍ଗଲ ସଂଶୋଧନ ଆଇନ୍ ୨୦୨୩କୁ ବାତିଲ କରିବା।
- ସମସ୍ତ କୃଷିଜାତ ଦ୍ରବ୍ୟ ଉପରେ MSPକୁ ଆଇନ୍ ସମ୍ମତ କରିବା, ଭାଗଚାଷୀମାନଙ୍କ ଠାରୁ ସରକାର ସିଧାସଳଖ ଧାନ କ୍ରୟ କରିବା, ଚାଷୀମାନଙ୍କୁ କୃଷି ଋଣ ଛାଡ କରିବା ସହିତ କୃଷି କାର୍ଯ୍ୟ ପାଇଁ ମାଗଣାରେ ବିଦ୍ୟୁତ୍ ଯୋଗାଇ ଦେବା ଓ ପ୍ରତି ବ୍ଲକ୍‌ରେ ସରକାରୀ ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବା।
- ସ୍ଥାୟୀ କାମରେ ନିଯୁକ୍ତ ଠିକା ଶ୍ରମିକ କର୍ମଚାରୀମାନଙ୍କୁ ସ୍ଥାୟୀ କରିବା; ତା ନ ହେବା ଯାଏଁ ସମାନ କାମକୁ ସମାନ ମଜୁରୀ ପ୍ରଦାନ କରିବା। ଅସଂଗଠିତ, ନିର୍ମାଣ ଶ୍ରମିକ ତଥା ପରିଚାରିକାମାନଙ୍କର ନ୍ୟାୟସଂଗତ ଦାବି ପୂରଣ କରିବା।
- ପାଚିକା ସହାୟିକା, ଅଙ୍ଗନୱାଡି, ଆଶାକର୍ମୀ, ଜାତୀୟ ଜୀବିକା ମିଶନ(NRLM) ସମେତ ସମସ୍ତ ସ୍କିମ୍ ୱାର୍କରମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ତଥା ସେହି ଅନୁଯାୟୀ ସର୍ବନିମ୍ନ ମାସିକ ମଜୁରୀ ଓ ସାମାଜିକ ସୁରକ୍ଷା ସହିତ ଅନ୍ୟାନ୍ୟ ସରକାରୀ ସୁବିଧା ସୁଯୋଗ ପ୍ରଦାନ କରିବା।
- ଶ୍ରମିକ କର୍ମଚାରୀ ବିରୋଧି ୪ଟି ଶ୍ରମ କୋଡ ବାତିଲ କରିବା ଏବଂ ପୁରୁଣା ପେନ୍‌ସନ୍ ସ୍କିମ୍(OPS)କୁ ଚାଲୁ କରିବା
- ଉପଯୁକ୍ତ ଥଇଥାନ ବିନା ବସ୍ତିବାସିନ୍ଦାଙ୍କ ଉଚ୍ଛେଦ ବନ୍ଦ କରିବା; ସମସ୍ତ ବସ୍ତିବାସିନ୍ଦାଙ୍କୁ ପଟ୍ଟା ପ୍ରଦାନ ଓ କର୍ମ ସ୍ଥାନ ନିକଟରେ ସେମାନଙ୍କର ଥଇଥାନ ବ୍ୟବସ୍ଥା କରିବା।
- ସମସ୍ତ ନିତ୍ୟବ୍ୟବହାର୍ଯ୍ୟ ଜିନିଷପତ୍ରର ଦରଦାମ୍ ବୃଦ୍ଧି ବନ୍ଦ କରିବା ଓ ସମସ୍ତ ଦ୍ରବ୍ୟରୁ GST ପ୍ରତ୍ୟାହାର କରିବା।
- ସ୍ୱାସ୍ଥ୍ୟ ସେବାର ଅବ୍ୟବସ୍ଥା ଦୂର କରିବା, ସ୍ୱାସ୍ଥ୍ୟ ସେବାର ଘରୋଇକରଣ ବନ୍ଦ କରିବା; ସମସ୍ତ ସରକାରୀ ଡାକ୍ତରଖାନାରେ ପ୍ରୟୋଜନୀୟ ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀ ସହ ଚିକିତ୍ସା ଉପକରଣ ଯୋଗାଇ ଦେବା।
- ପାଣିର ଘରୋଇକରଣ ବନ୍ଦ କରି ସମସ୍ତଙ୍କୁ ଶୁଦ୍ଧ ପାନୀୟ ଜଳ ବିନା ମୂଲ୍ୟରେ ଯୋଗାଇ ଦେବା।
- ହାତୀ, ଭାଲୁ, ମାଙ୍କଡ, କୁକୁର, କୁମ୍ଭୀର ଓ ଷଣ୍ଢ ଇତ୍ୟାଦିଙ୍କ ଆକ୍ରମଣରୁ ଧନ, ଜୀବନ ଓ ଜୀବିକାର ସୁରକ୍ଷା ଦେବା।

★★★




Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District Khurda, Odisha E-mail: sarbaharakranti@yahoo.co.in, sarbaharakranti@gmail.com, Website : sarbaharakranti.org
Editor : Bishnu Das